# ନକଲି ମୃତ ପ୍ରମାଣପତ୍ର କରି ବୀମା ଟଙ୍କା ପାଇଁ ଆବେଦନ

**ନବରଙ୍ଗପୁର,୬।୨ (ସଦାଶିବ ପ୍ରହରାଜ)**

- ମୃତ ବ୍ୟକ୍ତିଙ୍କ ନାଁରେ ଶ୍ରମିକ ପଞ୍ଜୀକରଣ କାର୍ଡ
- ଶ୍ରମ ବିଭାଗରେ ଦଲାଲ ସକ୍ରିୟ

ନବରଙ୍ଗପୁର ଜିଲା ଶ୍ରମ ବିଭାଗରେ ଦଲାଲ ସକ୍ରିୟ ହୋଇପଡ଼ିଛନ୍ତି। ମୃତ୍ୟୁ ପରେ ଶ୍ରମିକ ପଞ୍ଜୀକରଣ କାର୍ଡ ପାଇବା ଓ ତାଙ୍କ ନାଁରେ ଶ୍ରମିକ ବୀମା ଟଙ୍କା ପାଇଁ ଆବେଦନ କରାଯିବା ଘଟଣା ଏବେ ନବରଙ୍ଗପୁର ଜିଲାରେ ବାରମ୍ବାର ସାମ୍ନାକୁ ଆସୁଛି। ବୀମା ରାଶି କରାଇଦେବା ନାଁରେ ମୃତ ବ୍ୟକ୍ତିଙ୍କ ଦୁଇ ଥର ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତକରି ବୀମା ରାଶି ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ପଣ୍ଡିକଟ ପଞ୍ଚାୟତ ପ୍ରଧାନୀଗୁଡ଼ା ଗାଁର ଶ୍ରମିକ ଦୀନବନ୍ଧୁ ଧାକଡ଼ ୨୦୨୩ ଜାନୁଆରୀ ୨୮ରେ ମୃତ୍ୟୁବରଣ କରିଥିଲେ। ତେବେ ୨୦୨୩ ମେ ୨୨ରେ ତାଙ୍କ ସ୍ତ୍ରୀ ମଙ୍ଗାଇ ଧାକଡ଼ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତ୍ୟୁ ପ୍ରମାଣପତ୍ର ନମ୍ବର ୧୨୯/୨୦୨୩ ପାଇଲେ। ୨୦୨୪ ଫେବୃଆରୀ ୧୬ରେ ତାଙ୍କ ନାଁରେ ଶ୍ରମିକ ପଞ୍ଜୀକରଣ କାର୍ଡ ପାଇଁ ଆବେଦନ କରାଯାଇଥିଲା। ନବରଙ୍ଗପୁର ଶ୍ରମ ଆୟୁକ୍ତଙ୍କ ଅନୁମୋଦନ ପରେ ଦୀନବନ୍ଧୁଙ୍କ ନାମରେ ପଞ୍ଜୀକରଣ କାର୍ଡ ନମ୍ବର ଓ ବିଆର୍ ୦୦୧୧୦୪୮୭୯ ପ୍ରଦାନ କରାଯାଇଛି। ଉକ୍ତ କାର୍ଡ ସଚଳହେବା ପରେ ଦୀନବନ୍ଧୁ ୨୦୨୪ ଏପ୍ରିଲ ୨୦ ରେ ମୃତ୍ୟୁବରଣ କରିଥିବା ଦର୍ଶାଯାଇ ତାଙ୍କ ନାମରେ ଆଉ ଏକ ମୃତ୍ୟୁ ପ୍ରମାଣପତ୍ର ୨୦୨୪ ମେ ୨୬ରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଦାନ କରିଛି । ତେବେ ଏହି ନକଲି ମୃତ୍ୟୁ ପ୍ରମାଣପତ୍ର ଦେଖାଇ ୩ ଲକ୍ଷ ଟଙ୍କା ବୀମା ରାଶି ହଡ଼ପ କରିବା ପାଇଁ ଉଦ୍ୟମ କରାଯାଇଛି । ଶ୍ରମିକଙ୍କୁ ନ ଦେଖି କିଭଳି କାର୍ଡ ପ୍ରସ୍ତୁତ ହେଲା, ଅନ୍‌ଲାଇନ ଆବେଦନ କଲେ ମଧ୍ୟ କ୍ଷେତ୍ର ପରିଦର୍ଶନକରି ସ୍ପଷ୍ଟ ହେବା ପରେ କାର୍ଡ ପ୍ରଦାନ କରିବାକୁ ନିୟମ ରହିଛି। ହେଲେ ଏଠାରେ ମୃତ ବ୍ୟକ୍ତିଙ୍କ ନାଁରେ ଶ୍ରମିକ ପଞ୍ଜୀକରଣ ଓ କାର୍ଡ ପ୍ରସ୍ତୁତ ହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଆବଶ୍ୟକ ବୋଲି ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ମଜଦୁର ସଂଘର ଜିଲା ସଭାପତି ପରମେଶ୍ୱର ବିଶୋଇ କହିଛନ୍ତି। ଅନ୍ୟପକ୍ଷରେ ଶ୍ରମ ବିଭାଗରେ ଦଲାଲ ସକ୍ରିୟ ଥିବା ଯୋଗୁ ଏଭଳି ଘଟଣାଗୁଡ଼ିକ ଘଟୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କୁ ପଚାରିବାରୁ ଦୀନବନ୍ଧୁଙ୍କ ମୃତ୍ୟୁ ପ୍ରମାଣପତ୍ର ଉପରେ ସନ୍ଦେହ ରହିବାରୁ ବୀମାରାଶି ପ୍ରଦାନ କରାଯାଇନାହିଁ ଓ ଦୀନବନ୍ଧୁଙ୍କ ନାଁରେ ହୋଇଥିବା କାର୍ଡକୁ ଅଚଳ କରାଯାଇଛି ବୋଲି କହିଛନ୍ତି । ତେବେ ଜିଲାର ନବରଙ୍ଗପୁର, ପାପଡ଼ାହାଣ୍ଡି, କୋଷାଗୁମୁଡ଼ା ବ୍ଲକ୍‌ରେ ଜୀବିତ ବ୍ୟକ୍ତିଙ୍କ ନାମରେ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତକରି ୧୦୧ ଜଣଙ୍କ ନାଁରେ ବୀମାଟଙ୍କା ପାଇଁ ଆବେଦନ କରାଇଯାଇଛି । ସେହିଭଳି ନନ୍ଦାହାଣ୍ଡି ବ୍ଲକ୍ ନରସିଙ୍ଗଗୁଡ଼ା ଗାଁର ଲୋକେଶ ନାୟକ ଜୀବିତ ଥିବାବେଳେ ତାଙ୍କ ନାଁରେ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତକରି ଶ୍ରମିକ ବୀମା ଟଙ୍କା ପାଇବାକୁ ୨୦୨୩ରେ ଆବେଦନ କରାଯାଇଥିଲା। ୨୦୨୪ ଅଗଷ୍ଟ ୨ରେ ଶ୍ରମ ବିଭାଗ ଏହାକୁ ଅନୁମୋଦନକରି ଲୋକେଶଙ୍କ ସ୍ତ୍ରୀ କନକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨ ଲକ୍ଷ ଟଙ୍କା ପଠାଇଥିଲା । ସେଥିରୁ ସ୍ତ୍ରୀ ୫୦ ହଜାର ଟଙ୍କା ଉଠାଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଟଙ୍କା ଫେରସ୍ତ ପାଇଁ କୁହାଯିବା ସହ ବ୍ୟାଙ୍କକୁ ଚିଠି ଲେଖି କନକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି । ତେଣୁ ଶ୍ରମ ବିଭାଗକୁ ଦଲାଲମୁକ୍ତ କରାଯିବାକୁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବି ହେଉଛି।

# ଜଳବାୟୁ ପରିବର୍ତ୍ତନକୁ ରୋକିବା ନେଇ ପ୍ରକୃତି ଶିବିର




ବନ ବିଭାଗ ଅଧିକାରୀ ଉଦ୍‌ବୋଧନ ଦେଉଛନ୍ତି।

**ନବରଙ୍ଗପୁର,୬।୨ (ସଦାଶିବ ପ୍ରହରାଜ)**

ନବରଙ୍ଗପୁରସ୍ଥିତ ଚରକ ବନଠାରେ ଜଳବାୟୁ ପରିବର୍ତ୍ତନକୁ ରୋକିବା, ଜଙ୍ଗଲ ଓ ପରିବେଶ ସୁରକ୍ଷା ନେଇ ଏକ ଅଭିନବ କାର୍ଯ୍ୟକ୍ରମ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି । ଉମରକୋଟ ବ୍ଲକର ଜାମରୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନବରଙ୍ଗପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କୁ ନେଇ ୨ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜାମରୁଣ୍ଡା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା ଯୋଗଦେଇଥିଲେ। ନବରଙ୍ଗପୁର ଜିଲାରେ ୪୬% ଜଙ୍ଗଲରୁ ୨୨ %କୁ ଖସି ଆସିଛି। ଜଙ୍ଗଲ ପରିବେଶ ଠିକ ନ ରହିଲେ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରଭାବ ପଡିବ। ତେଣୁ ଜଙ୍ଗଲ ସୁରକ୍ଷା ନିହାତି ଆବଶ୍ୟକ ବୋଲି ବନଖଣ୍ଡ ଅଧିକାରୀ ବେହେରା କହିଥିଲେ। ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। କେବଳ ଗଛ ଲଗାଇଲେ ହେବ ନାହିଁ ଗଛ ଲଗାଇବା ସହ ଗଛର ଯତ୍ନ ନେବାକୁ ପଡିବ। ବିକାଶ ସାଙ୍ଗକୁ କିପରି ପରିବେଶ ସୁରକ୍ଷା ହୋଇପାରିବ ଏବଂ ଛାତ୍ରୀଛାତ୍ର ଏହି ଶିବିରରେ ତାଲିମ ନେବା ପରେ ସଚେତନତାର ବାର୍ତ୍ତା ବାଣ୍ଟନ୍ତୁ ବୋଲି ସେ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍‌ଓ ଦିବ୍ୟ ମାଧୁରୀ ସେଠୀ, କୋଷାଗୁମୁଡା ବିଇଓ ସୁପ୍ରିୟା ନାୟକ, ଶିକ୍ଷାବିତ୍ ଡା.ପ୍ରଦୀପ କୁମାର ମିଶ୍ର, ଜାମରୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଘନଶ୍ୟାମ ମାଝୀ, ବନାଞ୍ଚଳ ଅଧିକାରୀ ଗୋପୀନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ।

**ବ୍ଲକସ୍ତରୀୟ ଜନ ଶୁଣାଣି**

# ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସିଏଫ୍‌ସି ଯୋଜନା ସମୀକ୍ଷା

**ତେନ୍ତୁଳିଖୁଣ୍ଟି , ୬।୨ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୧ ଏପ୍ରିଲ ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୪ ମଧ୍ୟରେ ହୋଇଥିବା ଖର୍ଚ୍ଚ ତଥା ପ୍ରକଳ୍ପର ବ୍ଲକସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନିଲେନ୍ଦ୍ରି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏପିଡି (ପ୍ରଶାସନ) ଯଦୁମଣି ନାୟକ ନୋଡାଲ ଅଫିସର ଭାବେ ଯୋଗ ଦେଇଥିଲେ। ବିଡିଓ କପିଲ ଦେବ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଏମ୍‌ଜିଏନ୍‌ଆରଇଜିଏସ୍‌ର ପ୍ରକୃତ ହିତାଧିକାରୀଙ୍କ ଉପସ୍ଥିତି ନଗନ୍ୟ ଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଜିଲା ସାମାଜିକ ସମୀକ୍ଷକ ବୈବାସୁତ ଚାଲାଣ ଓ ବ୍ଲକ ସମୀକ୍ଷକଙ୍କ ଅନୁଯାୟୀ ବ୍ଲକର ୧୫ ପଞ୍ଚାୟତର ସମୀକ୍ଷା ବିବରଣୀ ପାଠ କରିଥିଲେ।




ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି ।

ସମୀକ୍ଷା ଅନୁଯାୟୀ, ମୋଟ ୮୧ ସମସ୍ୟା ମଧ୍ୟରୁ ୩୬ ର କାଗଜାତ ଠିକ ଭାବରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ନ କରିବା, ସେହିପରି ୧୯ ସମସ୍ୟା ମଧ୍ୟରୁ ଜବ୍ କାର୍ଡ ଯୋଗାଇବାରେ ବିଫଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ଶ୍ରମିକ ପାଉଣା ପ୍ରଦାନରେ ଅବହେଳା ଏବଂ କିଛି ସ୍ଥାନରେ ସୂଚନା ଫଳକ ନ ରହିବା ଓ ୧୦ ସମସ୍ୟା କାମ ନ କରି ଲୋକଙ୍କ ନାମରେ ୯୬, ୫୧୧ ଟଙ୍କା, ୩ ମୃତକଙ୍କ ନାମରେ ୩୧,୨୪୨ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଥିବା କହିଥିଲେ। ଏହିପରି ସରକାରୀ ଟଙ୍କା ଆତ୍ମସାତ ତଥା ଅବହେଳା ପାଇଁ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଯଦୁମଣି ନାୟକ ସମସ୍ତ ପିଇଓ ଏବଂ ଜିଆରଏସ୍‌ମାନଙ୍କୁ ୭ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ତାଗିଦ କରିଛନ୍ତି। କାର୍ଯ୍ୟକ୍ରମରେ ଜନତାଙ୍କ ଉପସ୍ଥିତି ବଦଳରେ କେବଳ କେତେକ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ବ୍ଲକର ପ୍ରାୟ ସବୁ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଜବ କାର୍ଡ ଧାରୀଙ୍କ ନାମ ୩୦ ରୁ ୪୦ ପ୍ରତିଶତ କଟି ଯାଇ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଧାର ବେସ୍‌ଡେ ପେମେଣ୍ଟ ସିଷ୍ଟମ ଯୋଗୁ ଜବ କାର୍ଡ କଟିଛି ନୂଆ ହୋଇ ପାରୁନି। ସବୁଠାରୁ ଛୋଟ ପଞ୍ଚାୟତ ଗୌଡ଼ଦେଓପାଲିର ପ୍ରାୟ ୮୩୦ ଜବ୍‌କାର୍ଡ ଧାରୀଙ୍କ ମଧ୍ୟରୁ ୨୫୦ରୁ ଉର୍ଦ୍ଧ୍ୱ ଜବ କାର୍ଡ କରିଥିବା ବେଳେ ଏଭଳି ଅଭିଯୋଗ ଶୁଣାଣିରେ ବିଷୟ ବସ୍ତୁ ହୋଇ ନ ପାରିବା ପ୍ରହସନ ପାଲଟିଛି। କେନ୍ଦ୍ରୀୟ ପଞ୍ଚ ଦଶ ଅର୍ଥ କମିଶନ ପାଣ୍ଠିର ସମୀକ୍ଷା ମଧ୍ୟ ସଚେତନତା ଅଭାବରୁ ନାମକୁ ମାତ୍ର ସମୀକ୍ଷା ବୋଲି ଅଭିଯୋଗ ହେଉଛି। ଜନ ଶୁଣାଣିରେ ରାଜନେତା ନାରାୟଣ ପାତ୍ର, ସୁଶାନ୍ତ ଶତପଥୀ, ଏଲ. ସନ୍ତୋଷ ରାଓ ସଭ୍ୟଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଶଙ୍କର ବେଡ଼କେ,ଜିପିଡିଓ ରାଧାକାନ୍ତ ରଣା,ଏପିଓ ସଦାବ ଅହମ୍ମଦ, ଏସିପି ପ୍ରକାଶ ସୁନା,ବିଏସ୍‌ଏପି ସୁନିଲ ରାଓ ଏବଂ ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୋଷାଗୁମୁଡ଼ା, ୬।୨ (ପ୍ରସାଦ ବିଷୋୟୀ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ ଏମ୍ କେରାଗାଁ ପଞ୍ଚାୟତର ଶିରିଗୁଡ଼ା ନର୍ସରିଠାରେ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ଘୋଡ଼ାଧନୁଆ ଗ୍ରାମର ଟେମରା ଭତରା (୩୫)। କୋଷାଗୁମୁଡ଼ା ପୋଲିସ ମୃତଦେହ ଜବତକରି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ କୋଷାଗୁମୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ୫/୨୫ ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଥିବା ଏସ୍‌ଆଇ ସୁଧାଂଶୁ ବାରିକ ସୂଚନା ଦେଇଛନ୍ତି । ଟେମରା ବୁଧବାର ଶିରିଗୁଡ଼ା ତାଙ୍କର ସମ୍ପର୍କୀୟ ଘରକୁ ଆସିଥିଲେ। ହେଲେ କୌଣସି କାରଣରୁ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି।

# ନୂତନ ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ନବରଙ୍ଗପୁର,୬।୨ (ସଦାଶିବ ପ୍ରହରାଜ)**



ବିଶ୍ୱଜିତ ବର୍ମନ

ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାବେ ବିଶ୍ୱଜିତ ବର୍ମନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶା ମାନବାଧିକାର ଆୟୋଗଙ୍କ ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିଲେ। କାର୍ଯ୍ୟରେ ଯୋଗଦେବା ପରେ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଧିକାରୀଙ୍କ ସହଯୋଗ ସହ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଅତିରିକ୍ତ ଜିଲାପାଳ ବର୍ମନ ଅନୁରୋଧ କରିଥିଲେ। ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିରେ ଡେପୁଟି କଲେକ୍ଟର ପି. ମନସ୍ୱିତା, ଗୀତାଞ୍ଜଳି ବେହେରା, ସହକାରୀ କଲେକ୍ଟର ଆଶୁତୋଷ ପାତ୍ର, ବିନାୟକ ଖାଡ଼ଙ୍ଗା, ଶିବପ୍ରସାଦ ପାଢ଼ୀ,ଅଶ୍ୱିନ କୁମାର ମାଝୀ, ହେମନ୍ତ ଶୌରା, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ସେକ୍‌ସନ ଅଫିସର, ତ୍ରିପତି ବାଲାଜୀ ସାହୁ, ରାମଚନ୍ଦ୍ର ରଘୁ ମଣ୍ଡଳ, ସତ୍ୟନାରାୟଣ ସାହୁ, ଉଲମ୍ପା ଭତ୍ରା, ଜଗନ୍ନାଥ ମହାପାତ୍ର, ଶିବକେଶବ ବ୍ରହ୍ମା, ମୀରା ପଣ୍ଡା, ନୀଳକଣ୍ଠ ରାଜୁ, ୟାସର ଅଲ୍ଲୀ, ମୋବିନା ସୁଲତାନା, ଜ୍ୟୋତ୍ସ୍ନା ଚୌଧୁରୀ, ବିଜୟ ସାହୁ, ସୁରେଶ ପଟ୍ଟନାୟକ, ତୃପ୍ତି ପଟ୍ଟନାୟକ, ଅଜୟ ନାୟକ ଓ ଅବିନାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସିଗ୍‌ନାଲ ବିହୀନ ଡିଭାଇଡର: ବଢୁଛି ଦୁର୍ଘଟଣା

**ଉମରକୋଟ, ୬।୨ (ସନ୍ତୋଷ ଶତପଥୀ)**



ସିସିଟିଭିରେ ଦୃଶ୍ୟ

ସିଗନାଲ ବିହୀନ ଡିଭାଇଡ଼ର ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି । ତାକୁ ରୋକିବା ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନି। ଏଭଳି ଘଟଣା ଦେଖିବାକୁ ମିଳିଛି ଉମରକୋଟ ସହରକୁ ପ୍ରବେଶ କରିବା ସ୍ଥାନ ବା ଆଇ ଲଭ ଉମରକୋଟ ସେଲଫି ଷ୍ଟାଣ୍ଡ ନିକଟରେ । ଏହି ଠାରୁ ହିଁ ଆରମ୍ଭ ହେଉଛି ଡ଼ିଭାଇଡର । କିନ୍ତୁ ଏହି ସ୍ଥାନରେ ନା ସଗ୍‌ନାଲ ଅଛି, ନା ଲାଇଟ ରହିଛି । ତେଣୁ ସହରକୁ ପ୍ରବେଶ କରୁଥିବା ଗାଡି ଚାଳକ ଡିଭାଇଡର ରହିଛି ବୋଲି ଜାଣି ପାରୁନାହାନ୍ତି । ପ୍ରାୟ ପ୍ରତିଦିନ ବ୍ୟବସାୟ ପାଇଁ ବଜାର ସହ ରାସ୍ତା ଘାଟ ସର୍ବଦା ଗହଳି ରହୁଛି । ଏକ ଜନ ଗହଳି ପୂର୍ଣ୍ଣ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ଏଭଳି ଦୁର୍ଘଟଣା ଘଟୁଛି ତେଣୁ ସ୍ଥାନୀୟ ଲୋକେ ମଧ୍ୟ ପ୍ରଶାସନ ପ୍ରତି ବିରକ୍ତ ଭାବ ପ୍ରକାଶ କରୁଛନ୍ତି। ସେହିଭଳି ଘର ସମ୍ମୁଖରେ ଘନ ଘନ ଦୁର୍ଘଟଣା ଘଟୁଥିବା ଥିବା ବେଳେ ଅନେକ ପଥଚାରୀଙ୍କ ମୃତ୍ୟୁ ଘଟୁଥିବା ବେଳେ ବହୁ ଗୁରୁତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ସମସ୍ୟାର ସମାଧାନ ପାଇଁ ଅନେକ ଥର ପୌର, ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଲେକେ ଅଭିଯୋଗ କରଛନ୍ତି। ଦୁର୍ଘଟଣା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିରେ ରେକର୍ଡ ହୋଇଛି । ସହର ଭିତରକୁ ଯିବା ପାଇଁ ଏହା ଏକ ମୁଖ୍ୟ ମାର୍ଗ ହୋଇଥିବା ବେଳେ ଲୋକେ ବାଧରେ ଏହି ରାସ୍ତା ବ୍ୟବହାର କରୁଛନ୍ତି। ଅନେକ ସତର୍କତା ଅବଲମ୍ବନ ପରେ ମଧ୍ୟ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ।

ସୂଚନା ଅନୁଯାୟୀ, ସପ୍ତାହକ ମଧ୍ୟରେ ପ୍ରାୟ ୮ ରୁ ୧୦ ଦୁର୍ଘଟଣା ହୋଇ ସାରିଲଣି। ଏଭଳି ଘଟଣାକୁ ନେଇ ଆତଙ୍କିତ ସ୍ଥାନୀୟ ବାସିନ୍ଦା ସମାଧାନ ପାଇଁ ଅନେକ ଥର ପୌର, ପୂର୍ତ୍ତ କାର୍ଯ୍ୟାଳୟ ଏବଂ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳି ନ ଥିବା ତପନ ଦାସ ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କୁ ପଚାରିବାରୁ ଲୋକେ ଯେପରି ସୁରକ୍ଷିତ ଚଳପ୍ରଚଳ କରିବେ ଓ ଡିଭାଇଡରରେ ସିଗ୍‌ନାଲ ବ୍ୟବସ୍ଥା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କ ସହ ଆଲୋଚନା

**ଦାମନଯୋଡି,୬।୨ (ମାନସ ରଞ୍ଜନ କର)**

କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ନାଲ୍‌କୋ ନିକଟ ଡେଙ୍ଗାଜାନିଗୁଡ଼ା ଗ୍ରାମର ବିଭିନ୍ନ ସମସ୍ୟା ନେଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଗୁରୁବାର ପରିଦର୍ଶନ କରି ତର୍ଜମା କରିଛନ୍ତି। ନାଲକୋ ପ୍ରକଳ୍ପ ଦ୍ୱାରା ଗ୍ରାମବାସୀ ପ୍ରଭାବିତ ହେଉଥିବା ନେଇ ବିଧାୟକ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିରେ ନାଲ୍‌କୋ ପ୍ରତିନିଧି ଚନ୍ଦ୍ର ମୋହନ ମହନ୍ତ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନାଲ୍‌କୋ ପ୍ରକଳ୍ପରୁ ବାହାରୁଥିବା ବର୍ଜ୍ୟ ନାଳିମାଟି,ପାଉଁଶ,କଷ୍ଟିକ ଓ ପାଣି ଗଚ୍ଛିତ ପାଇଁ ଥିବା ଷ୍ଟକୟାଡ୍ ଡେଙ୍ଗାଜାନିଗୁଡା ନିକଟରେ ଥିବାରୁ ଗ୍ରାମ ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସାମାନ୍ୟ ପବନ ହେଲେ ପାଉଁଶ ଉଡ଼ି ଲୋକଙ୍କ ଘର ଭିତରେ ପଶୁଥିବା ଓ ଡ୍ୟାମ୍‌ରେ ଥିବା କଷ୍ଟିକ୍ ପାଣି ବାହାରି ଜମିରେ ମାଡ଼ିଯାଉ ଥିବାରୁ ଚାଷକାର୍ଯ୍ୟ ପ୍ରଭାବିତ ହେଉଛି। ସମସ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଲୋଚନାରେ ନାଲ୍‌କୋ ପ୍ରତିନିଧି କହିଥିଲେ। ସେମାନଙ୍କୁ ବିସ୍ଥାପିତ କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ନାଲ୍‌କୋ ପକ୍ଷରୁ ଗ୍ରାମର ଅଧିକାଂଶ ଲୋକଙ୍କ ଜମି ଅଧିଗ୍ରହଣ କରାଯାଇଛି। ଯାହା ଅଳ୍ପ କିଛି ଜମି ରହିଛି ତାହାରି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି, କିନ୍ତୁ ପ୍ରଦୂଷଣ ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଗ୍ରାମବାସୀ କହିଥିଲେ। ଆଲୋଚନାରୁ ସମସ୍ୟାର କୌଣସି ସମାଧାନ ହୋଇପାରି ନ ଥିବା ଜଣାପଡ଼ିଛି। ପରେ ବିଧାୟକ ସାଉଁନ୍ତାଙ୍କ ପରାମର୍ଶ କ୍ରମେ ଏହା ଉପରେ ଆଲୋଚନା ପାଇଁ ବିଧାୟକଙ୍କ ସହ ଗ୍ରାମର ଏକ ପ୍ରତିନିଧି ଦଳ ନାଲ୍‌କୋର ଉଚ୍ଚ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରିବା ପାଇଁ ନିଷ୍ପତି ନିଆଯାଇଛି।

# ଡାକ୍ତର ଅଭାବ: ରୋଗୀସେବା ଠିକ୍ ହେଉ ନ ଥିବା ଅଭିଯୋଗ

**ମାଥିଲି, ୬।୨ (ସୁବାସ ଚନ୍ଦ୍ର ଖୁଡୁପିଆ)**

**କାଳିଆଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର**

ମାଥିଲି ବ୍ଲକ୍ ଅନ୍ତର୍ଗତ ମେଟ୍ଟା ସରପଞ୍ଚ ରଞ୍ଜିତା ପୂଜାରୀ ଏବଂ ଅଞ୍ଚଳର ସାମାଜିକ କର୍ମୀ ସଦାଶିବ ପୂଜାରୀ କାଳିଆଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କ ସମସ୍ୟା ବୁଝିବା ଏବଂ ଡାକ୍ତରଙ୍କ ସହ କଥା ହୋଇ ବିଭିନ୍ନ ବିଷୟରେ ଆଲୋଚନାକରି ବିଭିନ୍ନ ଅବ୍ୟବସ୍ଥା ଦେଖି ବିରକ୍ତି ପ୍ରକାଶ କରିଥିଲେ। ଆବଶ୍ୟକ ଡାକ୍ତର ଅଛନ୍ତି କି ନାହିଁ, କର୍ମଚାରୀ ଏବଂ ଭିତ୍ତିଭୂମିର ବିକାଶ ହେଉନାହିଁ। ଅଞ୍ଚଳବାସୀ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତ ଆସିବା ଅସମ୍ଭବ। ଜଣେ ମାତ୍ର ଡାକ୍ତର ଏବଂ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ପ୍ରତିଦିନ ୧୦୦ରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରିବା ବଡ଼ ସମସ୍ୟା। ଏହାଦ୍ୱାରା ଆଗାମୀ ଦିନରେ ସରପଞ୍ଚଙ୍କ ନେତୃତ୍ୱରେ ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପଞ୍ଚାୟତବାସୀଙ୍କ ଦ୍ୱାରା ସରକାରଙ୍କ ନିକଟରେ ଚାପ ଦିଆଯାଇବେ ବୋଲି ଶିବ ପୂଜାରୀ କହିଛନ୍ତି।



ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି ।

ବିଗତ ଦିନରେ ଏହି ସମସ୍ୟା ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ସାମାଜିକ କର୍ମୀ ସଦାଶିବ ପୂଜାରୀ। ଏହି ଦାବିପତ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅଧିକ ଡାକ୍ତର ନିଯୁକ୍ତି ଏବଂ ଡାକ୍ତରଖାନାର ଉନ୍ନତି ପାଇଁ ଦାବି। ଏହାଦ୍ୱାରା ଏଠାକୁ ଆସୁଥିବା ରୋଗୀମାନେ ଉତ୍ତମ ଚିକିତ୍ସା ସୁବିଧା ପାଇପାରିବେ। ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଉକ୍ତ ସ୍ଥାନରେ ଡାକ୍ତର ନିଯୁକ୍ତି ସହ ଆବଶ୍ୟକ ଭିତ୍ତିଭୂମି ସଜାଡ଼ିଲେ ସ୍ଥାନୀୟ ଅଞ୍ଚଳବାସୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ।



# କାରଖାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବିକଲେ ବିଧାୟକ

■ ଜିଲାସ୍ତରୀୟ ନିଯୁକ୍ତି ମେଳା
■ ୨୮ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ

**ରାୟଗଡ଼ା,୬।୨(ଆଶିଷ ରଞ୍ଜନ ପଣ୍ଡା)**

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ବିଭାଗ ତରଫରୁ ଜିଲା ପ୍ରଶାସନ ସହାୟତାରେ ସ୍ଥାନୀୟ ଜିସିଡି ପଡିଆଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଆପଲସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଗୋପାଳପୁର ଆର୍ମୀ ନିଯୁକ୍ତି କେନ୍ଦ୍ରରୁ ମେଜର କଲ୍ୟାଣ ରେଡ୍ଡୀ ଓ ସୁବେଦାର ମେଜର ସଞ୍ଜୀବ ଦୀକ୍ଷିତ, ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ତତ୍ତ୍ୱମଶୀ ମହାପାତ୍ର ମଞ୍ଚାସୀନ ଥିଲେ। ଜିଲାରେ ଅନେକ କାରଖାନା ଯୁବଗୋଷ୍ଠୀଙ୍କୁ ଆବଶ୍ୟକ ରୋଜଗାର ଦେଇପାରୁ ନ ଥିବାରୁ ବିଧାୟକ ଦୁଃଖ ପ୍ରକାଶ କରିବା ସହ ଅଧିକ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନିମନ୍ତେ ବିଧାୟକ ଆପଲସ୍ୱାମୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।

ନିଯୁକ୍ତି ମେଳାରେ ବେକାର ଯୁବତୀ ଯୁବକଙ୍କ ପଞ୍ଜୀକରଣ ପାଇଁ ବ୍ଲକ୍‌ୱାରି ଷ୍ଟଲର ବ୍ୟବସ୍ଥା ହୋଇଥିଲା। ୬୫ଟି କର୍ମ ନିଯୋଜନ ସଂସ୍ଥା ନିଜ ଷ୍ଟଲରେ ବିଭିନ୍ନ ପଦବୀ ଓ ସେଥି ନିମନ୍ତେ ତାଲିମ ଓ କର୍ମ ନିଯୋଜନ ପ୍ରକ୍ରିୟା ବିଷୟରେ ଯୁବପିଢିକୁ ବୁଝାଇଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷିତ ବେକାର ଯୁବତୀ ଯୁବକ ଯୋଗଦେଇ ବିଭିନ୍ନ ଦକ୍ଷତା ସମ୍ବଳିତ ଓ ବୈଷୟିକ ଶିକ୍ଷା ସମ୍ବଳିତ ରୋଜଗାରକ୍ଷମ ଜୀବିକା ବିଷୟରେ ତଥ୍ୟ ପ୍ରାପ୍ତ କରିଥିଲେ। ଚଳିତଥର ନିଯୁକ୍ତି ମେଳାରେ ଅଭିନବ ଭାବେ ବିଭିନ୍ନ ବୈଷୟିକ ପ୍ୟାନେଲର ଆୟୋଜନ କରାଯାଇଥିଲା। ବିକଶିତ ରାୟଗଡ଼ା ନିମନ୍ତେ ବୈଷୟିକ ଶିକ୍ଷାର ଭୂମିକାରେ ଯୁଜିଏମଆଇଟିର ଅଧ୍ୟକ୍ଷ ନାରାୟଣ ପଟେଲ ଆଲୋଚନାକୁ ପରିଚାଳନା କରିଥିଲେ । ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ବବିଲତା ଶ୍ରଫ, ସରକାରୀ ଆଇଟିଆଇ ଅଧ୍ୟକ୍ଷ ବିନୟ କୁମାର ବସନ୍ତରାୟ, ବିଷମକଟକ ଆଇଟିଆଇ ଅଧ୍ୟକ୍ଷ ଆର. କେ. ପ୍ରଧାନ ଓ ରାୟଗଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ ଆଲୋଚନା କରିଥିଲେ। ଦ୍ୱିତୀୟ ପ୍ୟାନେଲରେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ବିଜୟ ସାହୁ ବିକଶିତ ରାୟଗଡ଼ା ନିମନ୍ତେ କଳକାରଖାନାର ଭୂମିକା ବିଷୟରେ ଅଲୋଚନା କରିଥିଲେ। ଆଲୋଚନାରେ ରାୟଗଡା ଓର୍ମାସ ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ମନୋଜ ପାତ୍ର, ବିନାୟକ ଷ୍ଟିଲ ଓ ଇଞ୍ଜିନିୟରିଂ ମୁଖ୍ୟ କେ. ନରିନ କୁମୁଦନ ଓ ଏମ୍‌ଏସ୍‌ଏମ୍‌ଇ ଜିଲା ଅଧିକାରୀ କୋଟି ରତ୍ନମ ଆଲୋଚନା କରିଥିଲେ। ଏହି ଅବସରରେ ୮ଜଣ ଦୃଷ୍ଟାନ୍ତମୂଳକ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କମ୍ପାନୀର ୨୮ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରଯାଇଥିଲା।



ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

# ସ୍କୁଟି ସହ ୫ ଲକ୍ଷ ଟଙ୍କା ଲୁଟ୍

**ରାୟଗଡ଼ା,୬।୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରର ଜନଗହଳିପୂର୍ଣ୍ଣ ନ୍ୟୁ କଲୋନି ଅଞ୍ଚଳରୁ ଜଣେ ବ୍ୟବସାୟୀ ଟି. ଗୌରୀଶଙ୍କର ରାଓଙ୍କ ସ୍କୁଟି ସହିତ ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ବ୍ୟବସାୟୀ ଗୌରୀଶଙ୍କର ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ପାଇବା ପରେ ପୋଲିସ କେସ୍ ନମ୍ବର ୩୭/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି କେକେବିକେ କହଁର କହିଛନ୍ତି।

ଘଟଣାରୁ ପ୍ରକାଶ, ଚିଟ(ସୁଧ) ବ୍ୟବସାୟୀ ଟି. ଗୌରିଶଙ୍କର ନିଜ ସ୍କୁଟି ଡିକିରେ ୫ ଲକ୍ଷ ଟଙ୍କା ନଗଦ ରଖି ଏକ ଦୋକାନକୁ ଯାଇଥିଲେ। ଦୋକାନରେ କଥା ହେଉଥିବା ବେଳେ କେହି ଜଣେ ଦୁର୍ବୃତ୍ତ ତାଙ୍କ ସ୍କୁଟି ନମ୍ବର (ଓଡି-୧୮-ଏନ୍-୦୫୩୬) ନେଇ ପଳାଇଯାଇଥିଲେ। ଗୌରୀଶଙ୍କର ବହୁ ସମୟ ଖୋଜାଖୋଜି କରିବା ପରେ ତାଙ୍କୁ ନ ପାଇବାରୁ ରାୟଗଡ଼ା ଥାନାକୁ ଆସି ଜଣାଇଥିଲେ। ଏହାପରେ ପୋଲିସ ସହାୟତାରେ ମଧ୍ୟ ଖୋଜିଥିଲେ ମଧ୍ୟ ପତ୍ତା ମିଳି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗୌରୀଶଙ୍କରଙ୍କ ହାବଭାବ ଦେଖି ପୋଲିସ ଅନ୍ୟ ଆଡ଼କୁ ସନ୍ଦେହ କରୁଥିବା ପରିଲକ୍ଷିତ ହୋଇଛି।

# ରାୟଗଡା ଜିଲା ରାଜସ୍ୱ ଅମଲା ସଂଘ ନିର୍ବାଚନ ପାଇଁ ପ୍ରସ୍ତୁତି


ଗୁଣପୁରରେ ପ୍ରଚାର ପାଇଁ ବୈଠକ ଚାଲିଛି।

**ଗୁଣପୁର,୬।୨ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ ଜିଲା ରାଜସ୍ୱ ଅମଲା ସଂଘ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୧୬ ତାରିଖରେ ରାୟଗଡା ସଦର ମହକୁମାର ଅମଲା ସଂଘ ଗୃହଠାରେ ଅନୁଷ୍ଠିତ ହେବ । ଏଥିନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ରାଜସ୍ୱ ଅମଲା ସେମାନଙ୍କ ପ୍ରଚାର ଜୋରଦାର କରୁଥିବା ଦେଖିବାକୁ ମିଳିଛି । ଜିଲା ସଂଘ ସଭାପତି ନିମନ୍ତେ ସୀମାଞ୍ଚଳ ପଣ୍ଡା ଓ ମନୋଜ କୁମାର ରଥ, ସମ୍ପାଦକ ନିମନ୍ତେ ଅଜୟ କୁମାର ନାହାକ ଓ ସ୍ନେହାଶିଷ ପାତ୍ର ସେମାନଙ୍କ ନାମାଙ୍କନ ପତ୍ର ଗତ ୨ ତାରିଖରେ ଦାଖଲ କରିଥିବା ନିର୍ବାଚନ ଅଧିକାରୀ ଅରୁଣ କୁମାର ପାଢୀ ସୂଚନା ଦେଇଛନ୍ତି । ପୂର୍ବରୁ ରାୟଗଡା ଜିଲା ରାଜସ୍ୱ ଅମଲା ସଂଘ ନିର୍ବାଚନ ବାଚନିକ ଭାବେ ଅନୁଷ୍ଠିତ ହୋଇ କେବଳ ଦାୟିତ୍ୱ ବଣ୍ଟନରେ ସୀମିତ ରହୁଥିଲା, କିନ୍ତୁ ଚଳିତ ବର୍ଷ ନିର୍ବଚନ ନିମନ୍ତେ ପ୍ରସ୍ତୁତି ହୋଇଥିବା ପରିଲକ୍ଷିତ ହୋଇଛି । ଜଲାର ପ୍ରମୁଖ ସଂଘ ଭାବେ ପରିଗଣିତ ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତା ନିର୍ବାଚିତ ହେବା ପରେ ଜିଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମରେ ସଭାପତି ସମ୍ପାଦକଙ୍କ ଦବ୍‌ଦବା ରହୁଥିବା ନଜିର ରହି ଆସିଅଛି । ଏହି କ୍ରମରେ ଗୁରୁବାର ସମ୍ପାଦକ ପ୍ରାର୍ଥୀ ଅଜୟ କୁମାର ନାହାକ ଗୁଣପୁରଠାରେ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜନନୀ ସୁରକ୍ଷା ଆମ୍ବୁଲାନ୍ସ ପ୍ରଦାନ

**ଧରିତ୍ରୀ ପ୍ରଭାବ**


ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ।

**ପଦ୍ମପୁର,୬।୨(ପ୍ରଶାନ୍ତ କୁମାର କର)**

'ଆସିଲାନି ଜନନୀ ସୁରକ୍ଷା ଗାଡ଼ି, ମୃତ ଶିଶୁ ଜନ୍ମ ଦେଲେ ପ୍ରସୂତି' ସମ୍ପର୍କିତ ଖବର ଗତ ୧୫।୧୧।୨୪ରେ 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ରାୟଗଡ଼ା ଜିଲାପାଳ ପାରୁଲ ପଟଓ୍ୱାରିଙ୍କ ନଜରକୁ ଉକ୍ତ ସ୍ପର୍ଶକାତର ଖବର ଆସିବା ପରେ ଘଟଣାର ତଦନ୍ତ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲାଲମୋହନ ରାଉତରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶକ୍ରମେ ରାଜ୍ୟ ସରକାର ଏକ ନୂତନ ଜନନୀ ସୁରକ୍ଷା ଗାଡ଼ି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ପଦ୍ମପୁର ବ୍ଲକ ଅନ୍ତର୍ଗତ ବିରିପଦର ଗ୍ରାମର ନିମୁକି ଶବରଙ୍କ ଗତ ନଭେମ୍ବର ୧୪ତାରିଖରେ ଅସହ୍ୟ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ଇନ୍ଦିରା ଶବର ଓ ଆଶାକର୍ମୀ ସୁମିତ୍ରା ଲିମା ଜନନୀ ସୁରକ୍ଷା ଗାଡ଼ିକୁ ବାରମ୍ବାର ଫୋନ କରିଥିଲେ। ହେଲେ ପଦ୍ମପୁରରେ ଜନନୀ ସୁରକ୍ଷା ଗାଡ଼ି ନ ଥିବାରୁ ବହୁ ବିଳମ୍ବରେ ଜରୁରିକାଳୀନ ୧୦୮ ଆମ୍ବୁଲାନ୍ସ ଦିଆଯିବା ପରେ ଗାଡ଼ିରେ ଏକ ମୃତ ଶିଶୁକୁ ମହିଳା ଜନ୍ମ ଦେଇଥିଲେ। ତେବେ ଜନନୀ ସୁରକ୍ଷା ଗାଡ଼ି ଠିକ୍ ସମୟରେ ଆସିଥିଲେ ତାଙ୍କ ଶିଶୁଟି ବଞ୍ଚି ଯାଇପାରିଥାନ୍ତା ବୋଲି ସେହି ସମୟରେ ମହିଳାଙ୍କ ସ୍ୱାମୀ ଇନ୍ଦିରା କହିଥିଲେ। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ଜନନୀ ସୁରକ୍ଷା ଗାଡ଼ି ମିଳିବା ପରେ ବହୁ ପ୍ରସୂତି ମହିଳା ଉପକୃତ ହେବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ୩ ଡଙ୍ଗରିଆ ଯୁବକଙ୍କୁ ଉଠାଇ ନେଇଛି କଳାହାଣ୍ଡି ପୋଲିସ: ଲଦ


ବୈଠକରେ ଲଦ ସିକ୍‌କାଙ୍କ ସହ ଡଙ୍ଗରିଆ ମହିଳା।

**ରାୟଗଡ଼ା,୬।୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ନିୟମଗିରି ଅଞ୍ଚଳର ୩ ଜଣ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଯୁବକଙ୍କୁ କଳାହାଣ୍ଡି ପୋଲିସ ରାତିଅଧିଆ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ତେବେ କେଉଁ ଘଟଣାରେ ପୋଲିସ ସେମାନଙ୍କୁ ଉଠାଇ ନେଇଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି। ଅନ୍ୟପଟେ ତୁରନ୍ତ ସେମାନଙ୍କୁ ଖଲାସ ନ କଲେ ଆଗାମୀ ଦିନରେ ନିୟମଗିରି ଅଞ୍ଚଳର ଶତାଧିକ ଡଙ୍ଗରିଆ ଲାଞ୍ଜିଗଡସ୍ଥିତ ବେଦାନ୍ତ କାରଖାନା ଆଗରେ ଧାରଣା ଦେବେ ବୋଲି ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ସିକ୍‌କା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, ଆସନ୍ତା ୨୧ ତାରିଖରୁ ୩ଦିନ ବ୍ୟାପି ନିୟମଗିରି ଅଞ୍ଚଳରେ ନିୟମରାଜା ପରବ ଅନୁଷ୍ଠିତ ହେବ। ପରବ ପାଇଁ ଗାଁ ଗାଁ ରେ ଚାନ୍ଦା ଆଦାୟ କରିବାକୁ କିଛି ଡଙ୍ଗରିଆ ଯୁବକ ବାହାରିଥିଲେ। ହେଲେ ଗତ ସପ୍ତାହରେ ହଠାତ୍ କଳାହାଣ୍ଡି ପୋଲିସ ଆସି ପାର୍ସାଲି ପଞ୍ଚାୟତ ଅନ୍ତର୍ଗତ କୁନାକାଣ୍ଡୁ ଗ୍ରାମର ସୋନା ମାଝୀ, ରେଙ୍ଗା ମାଝୀ ଏବଂ ପାଲଭେରି ଗ୍ରାମର ପାତ୍ର ମାଝୀଙ୍କୁ ଉଠାଇ ନେଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ ୩ଜଣ ଯୁବକଙ୍କୁ ପୋଲିସ କେଉଁଠାରେ ରଖିଛି ତାହାର କୌଣସି ପତ୍ତା ମିଳୁନି ବୋଲି ଲଦ ଅଭିଯୋଗ କରିଛନ୍ତି । ପୋଲିସ ବାରମ୍ବାର ବିଭିନ୍ନ ମିଥ୍ୟା ମାମଲାରେ ମାଓବାଦୀ ଆଖ୍ୟା ଦେଇ ଜଣକ ପରେ ଜଣେ ନିରୀହ ଡଙ୍ଗରିଆ ଯୁବକଙ୍କୁ ଗିରଫ କରୁଛି ବୋଲି ଲଦ ଅଭିଯୋଗ କରିଛନ୍ତି । ତେବେ ପୋଲିସର ଏପରି କାର୍ଯ୍ୟାନୁଷ୍ଠାନକୁ ନିୟମଗିରି ସୁରକ୍ଷା ସମିତି ଘୋର ନିନ୍ଦା କରିବା ସହ ୩ଜଣଙ୍କୁ ନିଃସର୍ତ୍ତରେ ଖଲାସ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଲଦ କହିଛନ୍ତି।

# ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଅର୍ଘ୍ୟ' ଅନୁଷ୍ଠିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ରାମନାଗୁଡା, ୬।୨(ସଞ୍ଜୟ ପ୍ରଧାନ)**

ରାମନାଗୁଡା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଅର୍ଘ୍ୟ' ଅନୁଷ୍ଠିତ ହୋଇଟାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ନନ୍ଦପୁର ତହସିଲଦାର ପ୍ରଭାତୀ ଝୋଡିଆ, ସ୍ୱତନ୍ତ୍ର ଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଅତିରିକ୍ତ ଜଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ସମ୍ମାନିତ ଅତିଥି ରୂପେ ରାମନାଗୁଡା ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲ୍ଲିକ, ମୋ ସ୍କୁଲ ଅଭିଯାନ ସଭାପତି ବନବାଳି ମହାରଣା, ସମ୍ପାଦକ ଗଗନ ବିହାରୀ ଆଚାର୍ଯ୍ୟ, ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ବିଦ୍ୟାଳୟରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବାର୍ଷିକ ଉତ୍ସବରେ ରାମନାଗୁଡା ଥାନା ଅଧିକାରୀ ସୁନିତା ବେହେରା, ରାମନାଗୁଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଞ୍ଜଳି ମହାପାତ୍ର, ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁଧର ବେହେରା, ଭାଜପା ନେତା ଚିନ୍ତା କଣ୍ଡାଗରି, ପୂର୍ବତନ ବିଦ୍ୟାଳୟର ଛାତ୍ରୀ ପ୍ରତିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକେ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପ୍ରାକୃତିକ କୃଷି ପଦ୍ଧତି ଯୋଜନାରେ କର୍ମଶାଳା


ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରାଯାଉଛି।

**ମୁନିଗୁଡା,୬।୨ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡାର କମ୍ୟୁନିଟି ହଲ ପରିସରରେ ରାୟଗଡ଼ା ସିମଫେଡ (ଭି.ପି.କେ.ପି) ଆନୁକୂଲ୍ୟରେ ଓ ରାୟଗଡ଼ ଆତ୍ମାର ସୌଜନ୍ୟରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ଯୋଜନାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡାର କୃଷି ଜିଲା ଅଧିକାରୀ ଚିତ୍ତ ରଞ୍ଜନ ଶତପଥିଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ନୀଳମାଧବ ହିକକା, ସମ୍ମାନୀତ ଅତିଥି ଭାବେ ମୁନିଗୁଡା ସରପଞ୍ଚ ସରସ୍ୱତି ଶବର, ସମିତି ସଭ୍ୟା ପ୍ରାର୍ଥୀ ମମତା ପ୍ରାସ୍କାକା, ଦିଲ୍ଲୀ ସିମଫେଡ ଏଜିଏମ ସୁମିତ ତୋମାର, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ଦୟାନିଧି ରାଉତ, ରାୟଗଡ଼ା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ.ସୁସ୍ମିତା ମହାନ୍ତି, ଗୁଣପୁର କ୍ଷେତ୍ର ବିଜ୍ଞାନୀ କୃଷି ବିଜ୍ଞାନ କେନ୍ଦ୍ର ଡ.ନରମ ରାମୁ ,ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗର ସରକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ନାଥ ନାୟକ,ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଗୋଷ୍ଠୀ କୃଷି ଅଧିକାରୀ କାଳନ୍ଦୀ ପରିଡ଼ା, ରାହୁଲ କୁମାର ନାୟକ, ସହକାରୀ କୃଷି ଅଧିକାରୀ ଦିପ୍ତିରାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଦୁଇ ବୈଜ୍ଞାନିକ ପ୍ରାକୃତିକ କୃଷି, ଜୈବିକ ଉପାୟରେ ଚାଷ ସହ ଦେଶୀୟ ବିହନର ପୁନଃ ପ୍ରକ୍ରିୟାକରଣ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସୁନ୍ଦର ପ୍ରାକୃତିକ କୃଷି ଓ ଉଲ୍ଲେଖନୀୟ ଅବଦାନ ପାଇଁ ମୁନିଗୁଡା ବ୍ଲକର ଶଶି ଭୂଷଣ କାଶୀ, ପ୍ରକାଶ ଜାଗେରଙ୍ଗା, ବିଷମକଟକ ବ୍ଲକର ଅଭି ପାଲାକାଙ୍କୁ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ଷ୍ଟଲ ଯଥା ଆର.ସି.ଡ଼ି.ସି ମିଲେଟ ମିଶନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫାର, ଓପିଡିଏସସି ମିଲେଟ ମିଶନ ଆଇକାଡ ଓ ପ୍ରାକୃତିକ କୃଷି ବଇଦ ଗୋବିନ୍ଦ ଦାସଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଷମ କଟକ ଓ ମୁନିଗୁଡା ବ୍ଲକର ବହୁ ସଂଖ୍ୟାରେ ଅଗ୍ରଣୀ ଜୈବିକ ଚାଷୀ ଉପସ୍ଥିତ ଥିଲେ।

# ନିର୍ମାଣ ପରଠୁ କାମରେ ଲାଗୁନି ଗୋଷ୍ଠୀ କେନ୍ଦ୍ର, ଓପନ ଜିମ୍

■ ନିମ୍ନମାନର କାମକୁ ନେଇ ୱାର୍ଡବାସୀ ଆଣିଲେ ଅଭିଯୋଗ
■ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି ମିଶନ ଶକ୍ତି ଗୃହ

**ରାୟଗଡ଼ା, ୬।୨ (ଭାଗ୍ୟଶ୍ରୀ ମିଶ୍ର)**

ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳର ବିକାଶ ଲାଗି ସରକାର ବହୁ କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଅଧିକାଂଶ ପ୍ରକଳ୍ପ ଲୋକଙ୍କ କାମରେ ଲାଗୁ ନ ଥିବା ଦେଖିବାକୁ ମିଳୁଛି। ରାୟଗଡା ସହର ପୌର ପରିଷଦ ଅଧୀନରେ ୱାର୍ଡ ନମ୍ବର ୨୩ର ଆଞ୍ଜିଆପେଟାରେ ୨୦୧୪ ମସିହାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଇଛି । ୱାର୍ଡବାସୀଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଯଥା ବୈଠକ, ୱାର୍କଶପ, ଭତ୍ତା ପ୍ରଦାନ, ସରକାରୀ କାର୍ଯ୍ୟକ୍ରମ, କର୍ମଶାଳା ଏବଂ ମିଶନ ଶକ୍ତି ମହିଳାମାନଙ୍କ ବୈଠକ, ବିଭିନ୍ନ ସମସ୍ୟା ବିଷୟରେ ୱାର୍ଡବାସୀଙ୍କ ଆଲୋଚନା ସହ ଅନେକ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲକ୍ଷ୍ୟ ନେଇ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଥିବାବେଳେ ଏହା ନିକଟରେ ଏକ ମିଶନ ଶକ୍ତି ଗୃହ ଏବଂ ଲୋକଙ୍କୁ ବ୍ୟାୟାମ କରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଓପନ ଜିମ ଉପକରଣ ମାନ ଲଗାଯାଇଛି। ହେଲେ ଉଦ୍‌ଘାଟନ ପରଠୁ ଆଜି ସୁଦ୍ଧା ଏଗୁଡ଼ିକ ଲୋକଙ୍କ ବ୍ୟବହାରରେ ଲାଗିନାହିଁ। ଅନ୍ୟପକ୍ଷେ ନିମ୍ନମାନର କୋଠା ନିର୍ମାଣ ହୋଇଥିବାରୁ ଉକ୍ତ କୋଠା ଏବେ ଜରାଜୀର୍ଣ୍ଣ ହୋଇପଡିରହିଛି। ୱାର୍ଡର ଶେଷ ଭାଗରେ ଅବ୍ୟବହୃତ ଅବସ୍ଥାରେ କୋଠା ଥିବାରୁ ଏଠାରେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ଯୋଗୁ ଉକ୍ତ ରାସ୍ତାରେ ଝିଅ ବୋହୂ ଯିବାକୁ ଭୟ କରୁଛନ୍ତି ଏବଂ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବାରୁ ପ୍ରଶାସନ ଦୃଷ୍ଟି ଦେଇ କୋଠାକୁ ଉଚିତ୍ କାର୍ଯ୍ୟରେ ଲଗାଉ ନଚେତ କୋଠା ଭାଙ୍ଗିଦେଉ ବୋଲି ସାହିର ଜଣେ ବୁଦ୍ଧିଜୀବୀ କହିଛନ୍ତି। ଏହି ଗୋଷ୍ଠୀ କେନ୍ଦ୍ର ଆମ ୱାର୍ଡବାସୀଙ୍କ କାମରେ କେବେ ମଧ୍ୟ ଲାଗି ନାହିଁ ବୋଲି ସାହିର ଜଣେ ବ୍ୟକ୍ତି ରାମୁଲୁ କହିଛନ୍ତି। ସେହିପରି ୱାର୍ଡର ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ସମୟରେ ଏହି ଗୋଷ୍ଠୀକେନ୍ଦ୍ରର ମରାମତି ପାଇଁ କୌଣସି ପ୍ରସ୍ତାବ ଦିଆଯାଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କୁ ଯୋଗାଯୋଗ କରିବାରୁ, ମୁଁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି । ତେବେ ମୁଁ ନିଜେ ଅବ୍ୟବୃହତ ଅବସ୍ଥାରେ ପଡ଼ିଥିବା ଗୋଷ୍ଠୀ କେନ୍ଦ୍ରକୁ ଯାଇ ତଦାରଖ କରିବା ପରେ ପଦକ୍ଷେପ ନେବେ ବୋଲି କହିଛନ୍ତି।



ଅବହେଳିତ ଅବସ୍ଥାରେ ଥିବା ମିଶନ ଶକ୍ତି ଗୃହ।

# ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ

**ଗୁଣପୁର,୬।୨(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁରସ୍ଥିତ ଅରୋଶ୍ରୀ ବିହାର ପରିସରରେ ଶ୍ରୀ ଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ତଥା ଦେହାଂଶ ପ୍ରତିଷ୍ଠାର ୨୩ ତମ ବାର୍ଷିକୀ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଗଜପତି ଜିଲା ପାଠଚକ୍ର ସଂଯୋଜକ ଉନ୍ନା ସୀମାଞ୍ଚଳ ଅତିଥି ଭାବେ ଯୋଗଦେଇ ମାତୃ ପତାକା ଉତ୍ତୋଳନ କରିଥିଲେ। ବନ୍ଦେ ମାତରମ ଗାନ ସହ ମାର୍ଚ୍ଚ ଫାଷ୍ଟ ପରେ ସମାଧି ନିକଟରେ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା। ଜୟପୁରରୁ ଆସିଥିବା ଗାୟତ୍ରୀ ବୈଠାରୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଯୋଗର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁଷ୍ଠାନ ସଭାପତି ବୃନ୍ଦାବତୀ ପଣ୍ଡା ମାତୃ ବନ୍ଦନା ଗାନ କରିଥିଲେ। ଶିକ୍ଷାକେନ୍ଦ୍ରର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବକ୍ତା ବୈଠାରୁ ମାତୃ ପତାକା ଅବତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକ ଓ ମାତୃପ୍ରେମୀ ଉପସ୍ଥିତ ଥିଲେ। ଶିକ୍ଷା କେନ୍ଦ୍ରର ସମସ୍ତ ଅପା ଭାଇ ଓ ପରିଚାଳକ ବୃନ୍ଦ ଉପସ୍ଥିତ ଥିଲେ।

# କୁଟୁଲୀ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ରାୟଗଡ଼ା,୬।୨ (ଭାଗ୍ୟଶ୍ରୀ ମିଶ୍ର)**

ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ରାଫକଣା ନିକଟରେ ଥିବା କୁଟୁଲୀ ଆଶ୍ରମ ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ମିନିଆକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ସ୍ଥାନୀୟ ହନୁମାନ ମନ୍ଦିରରୁ ମଶାଲ ଆଣି ଶୋଭାଯାତ୍ରାରେ ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ପ୍ରଧାନ ଶିକ୍ଷକ ଗୋପନାଥ ପରିଛା ଓ ରାଜେନ୍ଦ୍ର ମିନିଆକା ପ୍ରଦୀପ ପ୍ରଜ୍ୱଳନକରି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ । ୩ ଦିନଧରି ଚାଲିବାକୁ ଥିବା କ୍ରୀଡା ଉତ୍ସବରେ ଦୌଡ଼, ଅଖାଦୌଡ଼, ସଟ୍‌ପୁଟ ଓ ଡିସ୍‌କସ୍ ଥ୍ରୋ, ଦଉଡ଼ି ଡିଆଁ, ତିନି ଗୋଡ଼ିଆ ଦୌଡ଼, ଲେମ୍ବୁ ଚାମଚ, ସଙ୍ଗୀତ ଚଉକି, କବାଡି, ଭଲିବଲ ଓ ବ୍ୟାଡ୍‌ମିଣ୍ଟନ ଇତ୍ୟାଦି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । ବିଭିନ୍ନ କ୍ରୀଡ଼ାକୁ ଶିକ୍ଷକ ଜିତେନ୍ଦ୍ର ଚୌଧୁରୀ, ଲକ୍ଷ୍ମଣ ଶବର ଓ ଶିକ୍ଷୟିତ୍ରୀ ସୁବାସିନୀ ପାଲକା ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି ।


ଦୌଡ଼ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

# ମିଶନ ଶକ୍ତି ଇସି ସଦସ୍ୟାଙ୍କ ଜିଲାପାଳ ଅଫିସ୍ ଘେରାଉ

**ରାୟଗଡା,୬।୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ମିଶନ ଶକ୍ତି ଇସି ସଦସ୍ୟାମାନେ ଇସି ରିଷ୍ଟ୍ରକ୍ଚରିଂ ପ୍ରତ୍ୟାହାର ଦାବିରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ପାରୁଲ ପଟଓ୍ୱାରି ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଦାବିପତ୍ର ଗ୍ରହଣ କରିଥିଲେ।

ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ସଂଘର ଜିଲା ସଭାପତି ମମତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ସମାବେଶରେ ସଂଘର ଜିଲା ସମ୍ପାଦକ କୁମାରୀ ପାଲକା ଉପସ୍ଥିତ ରହି ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ରାଜ୍ୟ ସଭାପତି ଜୟନ୍ତ ଦାସ୍ ଉଦବୋଧନ ଦେଇ କହିଥିଲେ, ସରକାରଙ୍କ ମହିଳା ବିରୋଧୀ ଇସି ରିଷ୍ଟ୍ରକ୍ଚରିଂ ପ୍ରତ୍ୟାହାର ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୮ଜାନୁଆରୀରେ ସିଏଲ୍‌ଏଫ୍ ଏବଂ ଜିପିଏଲ୍‌ଏଫ୍ ସ୍ତରରେ ଅଡିଟ ଏଂ ଇସି ରିଷ୍ଟ୍ରକ୍ଚରିଂ ବାବଦରେ ଏବଂ ୨୨ ଜାନୁଆରୀରେ ୧୨ ପୃଷ୍ଠା ସମ୍ବଳିତ ଗାଇଡଲାଇନରେ ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍, ଏଲ୍‌ଏଫ୍ ଓ ଡିଏଲ୍‌ଏଫ୍ ସମେତ ସମସ୍ତ ଇସିଙ୍କୁ ରିଷ୍ଟ୍ରକ୍ଚରିଂ ନାମରେ ବହିଷ୍କାର ଓ ଅନ୍ୟାନ୍ୟ ଗାଇଡଲାଇନ ପ୍ରକାଶ କଲେ। ଏହି ଗାଇଡଲାଇନ ଯଦି ଅନୁସରଣ କରାଯାଏ ତେବେ ରିଷ୍ଟ୍ରକ୍ଚରିଂ ଆଳରେ ୬ ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଓ ସମ୍ପାଦକଙ୍କୁ ପଦରୁ ହଟାଯିବ ବୋଲି ସେ କହିଥିଲେ। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ମାଧୁରୀ ଘୁରିଆ, ଆରତୀ ମୁଟିକା, ପୁଷ୍ପା ଦଳପତି, ମଞ୍ଜୁଳା ପଟ୍ଟନାୟକ, ସଂଯୁକ୍ତା ବୀରଦଳେଇ, ଶ୍ରୀଙ୍ଗାରୀ ୱାଡକା ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ ମାସିକ ହଜାରେ ଟଙ୍କା ହାରରେ ଭତ୍ତା ଦେବାର ପ୍ରତିଶ୍ରୁତି ପାଳନରେ ବିଫଳ ହୋଇ ସରକାର ମିଶନ ଶକ୍ତି ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବସିଛନ୍ତି ବୋଲି କହିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ମାସିକ ଭତ୍ତା ଦାବିରେ ଆନ୍ଦୋଳନ କରିବେ ବୋଲି ଉକ୍ତ ମହିଳା ସମିତିର ପୁଷ୍ପାଞ୍ଜଳି ରେଡ୍ଡୀ ଚେତାବନୀ ଦେଇଛନ୍ତି।



ମିଶନ ଶକ୍ତି ଇସି ସଦସ୍ୟାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଲକରରୁ ମିଳିଲା ନଗଦ ୨ ଲକ୍ଷ, ଜମି ଦସ୍ତାବିଜ୍

ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ)

ମାଲକାନଗିରି ଜିଲ୍ଲା ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସାନ୍ତନୁ ମହାପାତ୍ରଙ୍କ ନିକଟରୁ ପୁଳା ପୁଳା ଟଙ୍କା ମିଳିବାରେ ଲାଗିଛି। ଏହି ଘଟଣାକୁ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ସହ ଚଢ଼ାଉ ଜାରି ରଖିଛି। ସାନ୍ତନୁଙ୍କ ସମେତ ଅଫିସରେ କାମ କରୁଥିବା ୩କର୍ମଚାରୀ ସ୍କାନରରେ ରହିଥିବାବେଳେ ଏଥିରେ ମହାଦୁର୍ନୀତିର ଗନ୍ଧ ବାରିଛି ଭିଜିଲାନ୍ସ। ସମସ୍ତେ ମିଶି ଶ୍ରମିକଙ୍କ ନାଁରେ ବିଭିନ୍ନ ଯୋଜନାରେ ସରକାରୀ ଅର୍ଥ ଆତ୍ମସାତ କରିଥିଲେ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ଗୁରୁବାର ଚଢ଼ାଉର ଦ୍ୱିତୀୟ ଦିନରେ ଭୁବନେଶ୍ୱର କପିଳପ୍ରସାଦ ଏସ୍‌ବିଆଇ ବ୍ରାଞ୍ଚରେ ସାନ୍ତନୁଙ୍କ ଏକ ଲକର୍ ଥିବା ଭିଜିଲାନ୍ସ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ତେଣୁ ସାନ୍ତନୁଙ୍କୁ କୋରାପୁଟ ଭିଜିଲାନ୍ସ ଡିଭିଜନ୍ ଟିମ୍ ଭୁବନେଶ୍ୱର ଆଣି ଯାଞ୍ଚ କରିଥିଲା। ସାନ୍ତନୁଙ୍କ ଏସ୍‌ବିଆଇ ଲକର୍ ଯାଞ୍ଚବେଳେ ନଗଦ ୨ଲକ୍ଷ ଟଙ୍କା, ବିକ୍ରି ଦଲିଲ (ସେଲ୍ ଡିଡ୍) ଓ ଜମି କାଗଜପତ୍ର ଜବତ ହୋଇଛି। ଲକରରୁ ମିଳିଥିବା ଟଙ୍କାକୁ ମିଶାଇ ଏଯାବତ ମିଳିଥିବା ଟଙ୍କା ୨ କୋଟି ୮ ଲକ୍ଷ ୯୨ ହଜାର ୮୫୦ରେ ପହଞ୍ଚିଛି। ସେଥିମଧ୍ୟରୁ ସାନ୍ତନୁଙ୍କ ୨ କୋଟି ଟଙ୍କା ରହିଛି। ତେବେ ଏହି ଘଟଣାରେ ସାନ୍ତନୁଙ୍କ ସମେତ ତାଙ୍କର ୩ ସହକର୍ମୀ ସାମିଲ ଥିବା ବେଳେ ଆଉ ଜଣେ ଜନସେବା କେନ୍ଦ୍ର ମାଲିକଙ୍କ ମଧ୍ୟ ସମ୍ପୃକ୍ତି ରହିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ତେଣୁ ଏହି ଘଟଣାରେ ଅଧିକ ଚଢ଼ାଉ ଚାଲିଥିବାବେଳେ ସାନ୍ତନୁଙ୍କ ସମେତ ଅନ୍ୟମାନେ ମଧ୍ୟ ଗିରଫ ହୋଇପାରନ୍ତି ବୋଲି ସୂଚନା ମିଳିଛି।


ଶାନ୍ତନୁ ମହାପାତ୍ର


ଜବତ ପାସ୍‌ବୁକ୍ ।

### ଦୁଇ ସହକର୍ମୀଙ୍କ ଘରୁ ବହୁ ସଂଖ୍ୟାରେ ଶ୍ରମିକଙ୍କ ପାସ୍‌ବୁକ୍ ଜବତ

ସାନ୍ତନୁଙ୍କ ଅଫିସର ଡାଟା ଏଣ୍ଟ୍ରିଅପରେଟର ବିଶ୍ୱଜିତ ମଣ୍ଡଳ ଓ ଠିକା କର୍ମଚାରୀ ଅମିୟକାନ୍ତ ସାହୁଙ୍କ ଘରେ ଯାଞ୍ଚ ବେଳେ ଭିଜିଲାନ୍ସ ଟିମ୍ ବହୁ ସଂଖ୍ୟାରେ ଶ୍ରମିକମାନଙ୍କ ପାସବୁକ୍ ଜବତ କରିଛି। ବିଭିନ୍ନ ଯୋଜନାରେ କାମ ହୋଇଥିବା ଦର୍ଶାଯାଇ ସରକାରୀ ଟଙ୍କାକୁ ଶ୍ରମିକଙ୍କ ଆକାଉଣ୍ଟକୁ ପଠାଇ ଆତ୍ମସାତ କରୁଥିଲେ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ଭିଜିଲାନ୍ସ ସୂଚନାନୁସାରେ, ବିଶ୍ୱଜିତ ଓ ଅମିୟକାନ୍ତ ଏହି ପାସବୁକ୍‌ଗୁଡ଼ିକୁ ପରିଚାଳନା କରିବା ସହ ବିଭିନ୍ନ ସମୟରେ ସୁରୁଖୁରୁରେ ଟଙ୍କା ଉଠାଉଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ପୃଥକ୍ ଯାଞ୍ଚ ଚାଲୁ ରହିଛି। ଏପରିକି ୨ବର୍ଷରେ କାମ ସରିଯାଇଥିବା ଉଲ୍ଲେଖ ଥିବା ଫାଇଲଗୁଡ଼ିକୁ ମଗାଯାଇ ଭିଜିଲାନ୍ସ ଟିମ୍ ଅଧିକ ଯାଞ୍ଚ କରୁଛି।

**ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଘରେ ଚଢ଼ଉ ଜାରି**

- ମହା ଦୁର୍ନୀତିର ଗନ୍ଧ ବାରିଲା ଭିଜିଲାନ୍ସ
- ଶ୍ରମିକଙ୍କ ନାଁରେ ସରକାରୀ ଅର୍ଥ ଆତ୍ମସାତ୍ କରୁଥିଲେ

### ଲାଞ୍ଚ ନେବାରେ ସୂତ୍ରଧର ସାଜିଥିଲେ ଜନସେବା କେନ୍ଦ୍ର ମାଲିକ

ସାନ୍ତନୁଙ୍କ ଆକାଉଣ୍ଟ ଯାଞ୍ଚ ବେଳେ ଜଣେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦରେ ଏକ ଜନସେବା କେନ୍ଦ୍ର ଚଳାଉଥିବା ଅଲେଖ ପ୍ରଧାନଙ୍କ ହାତ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଅଲେଖ ଲାଞ୍ଚ ନେବାରେ ସୂତ୍ରଧର ସାଜିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଠିକାଦାର ଓ ଅନ୍ୟମାନଙ୍କଠୁ ସାନ୍ତନୁଙ୍କ ପକ୍ଷରୁ ଅଲେଖ ଲାଞ୍ଚ ଗ୍ରହଣ କରୁଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଲାଞ୍ଚ ଟଙ୍କାକୁ ସେ ସାନ୍ତନୁଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଥିଲେ। ଏପରିକି ସାନ୍ତନୁଙ୍କ ଆକାଉଣ୍ଟ ଯାଞ୍ଚ ବେଳେ ମଧ୍ୟ ବଡ଼ ପ୍ରମାଣ ମିଳିଛି। ୨୦୧୯ରୁ ୨୦୨୪ମଧ୍ୟରେ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସାନ୍ତନୁଙ୍କ ପାଖକୁ ଅଲେଖ ପଠାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ସୁନା ଅଳଙ୍କାର ସଫା ଘଟଣା, ୨ ଗିରଫ

ମାଲକାନଗିରି, ୬।୨(ଦୁର୍ଯ୍ୟୋଧନ ପାତ୍ର)

ମାଲାକନଗିରି ଆଦର୍ଶ ଥାନା ପୋଲିସ ଗୁରୁବାର ୨ ଜଣ ସୁନା ଚୋରଙ୍କୁ ଗିରଫ କରିଛି । ପୋଲିସ ଉଭୟଙ୍କୁ କାଲିମେଳା ଥାନା ଅନ୍ତର୍ଗତ ପୁଲିମେଟଲା ଗ୍ରାମରୁ ଠାବ କରିବା ସହ ସୁନା ସମ୍ବନ୍ଧରେ ପଚରାଉଚୁରା କରିଥିଲା । ଉକ୍ତ ସୁନାକୁ ସେମାନେ ତରଲାଇ ଜୟପୁରର ରାୟିବୁବାବୁ ସାହିର ଶ୍ରୀନିବାସ ସିନ୍ଧେଙ୍କୁ ୩୦ ହଜାର ଟଙ୍କାରେ ବିକ୍ରି କରିଥିବା କହିଥିଲେ। ଏହି ୨ ଅଭିଯୁକ୍ତ ବିହାର ରାଜ୍ୟ ତ୍ରିବେଣୀଗଞ୍ଜ ଗ୍ରାମର ବିଜୟ ସା ଓ ଚନ୍ଦନ କୁମାର ସା ବୋଲି ଜଣାପଡିଛି। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ମାଲକାନଗିରି ସଦର ବ୍ଲକ ଏମ୍‌ଭି ୧ ଗ୍ରାମର ସୁଶୀଲ ସରକାରଙ୍କ ଘରକୁ ୨ ଜଣ ବ୍ୟକ୍ତି ଯାଇ ସୁନା ସଫା କରିବୁ ବୋଲି କହିଥିଲେ। ଫଳରେ ସୁଶୀଲ ତାଙ୍କୁ ନିଜର ସୁନା ଚେନ ସଫା କରିବା ପାଇଁ ଦେଇଥିଲେ । ପରେ ଉକ୍ତ ୨ ଜଣ ବ୍ୟକ୍ତି ପ୍ରଥମେ ସୁନା ଚେନକୁ ଗୋଟିଏ ଡବାରେ ରଖି ସଫା କରିବା ପରେ ଗୋଟିଏ କାଗଜରେ ଗୋଡାଇ ସୁଶୀଲଙ୍କ ସ୍ତ୍ରୀଙ୍କୁ ଦେଇଥିଲେ। ଏହି କାଗଜ ଅଧଘଣ୍ଟା ପରେ ଖୋଲିବେ। କାରଣ ଏଥିରେ ରାସାୟନିକ ସୁଶୀଲଙ୍କ ସ୍ତ୍ରୀ ଉକ୍ତ ପୁଡା ଖୋଲି ଦେଖିବାରୁ ସେଥିରେ ତାଙ୍କ ଚେନ ନ ଥିଲା। ଆଖପାଖ ଅଞ୍ଚଳରେ ଖୋଜା ଖୋଜି କରିବା ସତ୍ତ୍ୱେ ଉଭୟଙ୍କ ପତ୍ତା ମିଳି ନ ଥିଲା। ଏ ସମ୍ପର୍କରେ ସୁଶୀଲ ଓ ତାଙ୍କ ସମ୍ପର୍କୀୟମାନେ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ ।


ଗିରଫ ୨ ଅଭିଯୁକ୍ତ ।

# ୪ ମାଓବାଦୀ ଗିରଫ

ମାଲକାନଗିରି, ୬।୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ପୋଲିସ ଦୁଇଟି ସ୍ଥାନରୁ ୪ ମାଓବାଦୀଙ୍କୁ ଗିରଫ କରିଛି। ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ସୂଚନା ପାଇ ଚିନ୍ତାଗୁଫା ପୋଲିସ ଡିଆରଜି ବାହିନୀ ମିଳିତ ଭାବେ ତାଡମେଟଲା ଓ ଆଖପାଖ ଅଞ୍ଚଳରେ କୋମ୍ବିଂ କରିଥିଲେ । ଏହି ସମୟରେ ତାଡମେଟଲା ଗ୍ରାମ ନିକଟ ଜଙ୍ଗଲ ଓ ପାହାଡ ପାଖରେ କେତେକ ସନ୍ଦିଗ୍ଧ ବ୍ୟକ୍ତି ଥିବା ଦେଖିବାକୁ ପାଇଥିଲେ। ତେବେ ଉକ୍ତ ବ୍ୟକ୍ତିମାନେ ପୋଲିସକୁ ଦେଖି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ୨ ଜଣଙ୍କୁ ଗିରଫ କରଥିଲା । ପଚରାଉଚରା ପରେ ଏମାନେ ସୋଡି ଦୁଲା ଓ ମାଡବି ବୁଦରା । ଏହି ଦୁଇଜଣ ଜନତାନା ସରକାର ମାଓବାଦୀ ସଂଗଠନର ଉପାଧ୍ୟକ୍ଷ ଓ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା କହିଛନ୍ତି । ଏହି ଦୁଇଜଣ ବିସ୍ଫୋଟକ ସାମଗ୍ରୀ ରପ୍ତାନି ଓ ଘଟଣାସ୍ଥଳରେ ଖଞ୍ଜିବା ଆଦି କାର୍ଯ୍ୟରେ ଜଡିତ ଥିବାରୁ ଏମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ଗୁରୁବାର ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ସୁକ୍‌ମା ପୋଲିସ ଓ ସୁରକ୍ଷା କର୍ମୀମାନେ କେରଲାପାଲ ଥାନା ଅନ୍ତର୍ଗତ ଗଡଗଡପାରା ଅଞ୍ଚଳରେ ସର୍ଚ୍ଚ ସମୟରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିବାକୁ ପାଇ ଗିରଫ କରିଥିଲେ। ଏମାନେ ହେଲେ ମୁଚାକୀ ଦେବା ଓ ମୁଚାକି ଜଗା । ଏମାନଙ୍କୁ ପଚରାଉଚୁରା କରିବାରୁ ସଂଗଠନର ସଦସ୍ୟ ବୋଲି କହିଥିଲେ। ଏମାନଙ୍କ ପାଖରୁ ୩ କିଲୋଗ୍ରାମର ଗୋଟିଏ ଟିଫିନ ବୋମା, ଆଇଇଡି, ଦୁଇଟି ଡିଟୋନେଟର, କୋଡେକ୍ସ ତାର ଇତ୍ୟାଦି ଜବତ କରାଯାଇଛି। ଏହି ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ନିମ୍ନମାନର ଇଟା, ସିମେଣ୍ଟରେ ନୂତନ ଅଙ୍ଗନୱାଡି ଗୃହ କାମ

**ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ, ପ୍ରଶାସନ**

କୋରୁକୋଣ୍ଡା,୬।୨(ଶିବଦତ୍ତ ସାହୁ)

ପ୍ରତ୍ୟେକ ପଡ଼ାରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି । ବହୁ ପୁରାତନ କୋଠାଗୁଡିକ ଭଙ୍ଗାଭଙ୍ଗି ହୋଇଯାଇଥିବାରୁ ବର୍ତ୍ତମାନ ନୂତନ ଭାବେ କୋଠା ନିର୍ମାଣ କରାଯାଉଛି। ସେହିପରି ଭାବେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ତର୍ଲାକୋଟା ପଞ୍ଚାୟତ ପୁଷପାଲ୍ଲୀରେ ପ୍ରାୟ ୧୨ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ କୋଠା ନିର୍ମାଣ କରାଯାଉଛି। ହେଲେ ଉକ୍ତ କୋଠା କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କାମରେ ମାତ୍ର ଗୋଟିଏ ଫୁଟ ଖାଲକରି ଫାଉଣ୍ଡେଶନ ପକାଯାଇଥିବା ବେଳେ ପିଲର ପାଇଁ ଗାତ କରାଯାଇନାହିଁ। ଏହାସହ ଗଜପତି ସିମେଣ୍ଟରେ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ମସଲାରେ ବାଲି ଓ ସିମେଣ୍ଟ କମ୍ ପରିମାଣର ପକାଇ କଂକ୍ରିଟ କରାଯାଉଛି। ସେହିପରି ସ୍ଥାନୀୟ ଶ୍ରମିକଙ୍କ ଦ୍ୱାରା ଉକ୍ତ ସ୍ଥାନରେ ତିଆରି କରାଯାଉଥିବା ପଥର ଗୁଣ୍ଡ ବାଲି ସିମେଣ୍ଟ ମିଶା ଇଟାରେ କାମ ହେଉଥିବା ଦେଖିବାକୁ ମିଳିଛି ।

ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ରାଓଙ୍କୁ ପଚାରିବାରୁ ଫାଉଣ୍ଡେଶନ ୨ଫୁଟ ୬ ଇଞ୍ଚ ପିଲର ଗାତଗୁଡ଼ିକ ୪ ଫୁଟ୍‌କୁ ୪ଫୁଟ୍ କରାଯିବ। ଗଜପତି ସିମେଣ୍ଟ ସରକାରୀ ସ୍ୱୀକୃତିପ୍ରାପ୍ତ ନ ଥିବା ଅଧିକାରୀ କହିଛନ୍ତି । ଏନେଇ ଶୁକ୍ରବାର କାର୍ଯ୍ୟ କରାଯାଉଥିବା ସ୍ଥାନକୁ ଯାଇ ଘଟଣାର ଅନୁଧ୍ୟାନ କରିବେ। ଯଦି ନିମ୍ନମାନର କାର୍ଯ୍ୟ ହେଉଥିବ ତେବେ ପୁଣିଥରେ ଭଲ କାମ କରିବାକୁ କହିବେ ବୋଲି କନିଷ୍ଠଯନ୍ତ୍ରୀ ରାଓ କହିଛନ୍ତି ।

ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଗ୍ରାମର ୩୮ଶିଶୁ ପାକ୍ ଶିକ୍ଷା ଗ୍ରହଣ କରୁଥିବା ବେଳେ ସେଥିମଧ୍ୟରୁ ଝିଅଙ୍କ ସଂଖ୍ୟା ୧୮ଥିବା ବେଳେ ୨୦ ପୁଅ ରହିଛନ୍ତି ।


ଅଙ୍ଗନୱାଡି ଗୃହର ନିର୍ମାଣ କାର୍ଯ୍ୟ କରାଯାଉଛି ।

# ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୬।୨(ଦୁର୍ଯ୍ୟୋଧନ ପାତ୍ର)

ଦାନ୍ତେୱାଡା ଜିଲାରେ ମାଓବାଦୀମାନେ ଜଣେ ଲୋକଙ୍କ ଗଳାକାଟି ହତ୍ୟା କରିଛନ୍ତି। ସେ ହେଲେ ଅରନପୁର ଥାନା ଅନ୍ତର୍ଗତ କକାଡି ଗ୍ରାମ ନିବାସୀ ହଡମା ହେମଲା। ପୋଲିସ ସୂଚନାଦାତା ସନ୍ଦେହରେ ବୁଧବାର ରାତିରେ ତାଙ୍କୁ ଅପହରଣ କରିନେଇ ହତ୍ୟାପରେ ଗ୍ରାମ ନିକଟରେ ଫୋପାଡି ଚାଲି ଯାଇଥିଲେ। ଗୁରୁବାର ସକାଳେ ଗ୍ରାମବାସୀ ବ୍ୟକ୍ତିଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ଥିଲା। ଏ ସମ୍ପର୍କରେ ଅତିରିକ୍ତ ପୋଲିସ ଅଧୀକ୍ଷକ ରାଜ କୁମାର ବର୍ମନ କହିଛନ୍ତି, ବିଭିନ୍ନ ସ୍ଥାନରେ ମାଓବାଦୀ ଦମନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସଂଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ସେମାନେ ସ୍ଥିତି ଜାହିର କରିବା ଲାଗି ଗ୍ରାମର ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି।

# ୫ ମହିଳାଙ୍କ ସହ ୬ ମାଓବାଦୀଙ୍କ ଆତ୍ମସମର୍ପଣ


ଆତ୍ମସମର୍ପଣ କରିଥିବା ମାଓବାଦୀ ।

ମାଲକାନଗିରି, ୬।୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ଦାନ୍ତେୱାଡା ଜିଲା ପୋଲିସ ନିକଟରେ ୫ ମହିଳାଙ୍କ ସହ ୬ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ବୁରଗୁମ ପଞ୍ଚାୟତ ମିଲିସିଆ ଡେପୁଟି କମାଣ୍ଡର ହୁଙ୍କା ଓରଫ କୁମାର ମାଡବୀ, ଆଇତେ ମୁଚାକୀ, ଶାନ୍ତି ଓରଫ ଜିମ୍ମେ କୋରାମ, ହୁଙ୍ଗି ସୋଡି, ହିଡମେ ମରକମ୍ ଓ ଜୋଗୀ ସୋଡୀ। ଏମାନେ କହିଛନ୍ତି, ଛତିଶଗଡ ପୋଲିସ ଦ୍ୱାରା ଚାଲିଥିବା ଘରକୁ ଫେରି ଆସ ଅଭିଯାନ, ମାଓବାଦୀ ଦମନ କାର୍ଯ୍ୟକ୍ରମ, ଛତିଶଗଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପୋଲିସର ଥଇଥାନ ନୀତିରେ ଅନୁପ୍ରାଣିତ ହୋଇ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କୁ ୨୫ ହଜାର ଲେଖାଏ ଚେକ୍ ପ୍ରଦାନ କରାଯିବା ସହ ପ୍ରତି ମାସରେ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ଦେଓମାଳି ପରିଦର୍ଶନ

ପଟ୍ଟାଙ୍ଗି,୬।୨ (ଶରତ କୁମାର ଧଳ)

କୋରାପୁଟ ଜିଲା ଗସ୍ତରେ ଆସିଥିବା ବିଧାନସଭା ଷ୍ଟାଣ୍ଡିଂ କମିଟି ସର୍କିଟ ହାଉସ୍‌ରେ ପହଞ୍ଚି ପରେ ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତର ଦେଓମାଳି ପର୍ଯ୍ୟଟନସ୍ଥଳୀ ପରିଦର୍ଶନକରି ବୁଧବାର ରାତ୍ରିଯାପନ କରିଥିଲେ। କମିଟିର ଏହି ଗସ୍ତକୁ ପ୍ରଶାସନ ପକ୍ଷରୁ ଗୋପନୀୟ ରଖାଯାଇଥିଲା। ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, କୋଟପାଡ଼ ବିଧାୟକ ରୂପୁ ଭତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ ଓ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ପ୍ରମୁଖ ଦେଓମାଳି ଜଙ୍ଗଲ ବିଭାଗର କଟେଜ୍‌ରେ ରାତ୍ରିଯାପନ କରିଥିଲେ। ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କମିଟି ଗୁରୁବାର ଜଙ୍ଗଲ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଚାରାରୋପଣ କାର୍ଯ୍ୟକ୍ରମ ପରେ ଫେରିବା ବାଟରେ ଥୁରିଆ ବିଦ୍ୟାଳୟରେ ପହଞ୍ଚି ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ତଦାରଖ କରିଥିଲେ। କୋରାପୁଟ ଅଭିମୁଖେ ଯିବା ବେଳେ ରାସ୍ତାକଡ଼ରେ ଥିବା ବାରାବନ୍ଦ ଗ୍ରାମରେ ଷ୍ଟ୍ରବେରି ଚାଷ ଦେଖିବା ସହ କେତେଜଣ ଚାଷୀଙ୍କ ସହ ଆଲୋଚନା କରିଥିଲେ।


ଦେଓମାଳିରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ।

# କୁଷ୍ଠ ନିରାକରଣ ସଚେତନତା

ଜୟପୁର,୬।୨(ପବନ ପାଣିଗ୍ରାହୀ)

ଜୟପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଜଗଧାତ୍ରୀପୁର ଲେପ୍ରା ସୋସାଇଟି ପକ୍ଷରୁ କୁଷ୍ଠ ନିରାକରଣ ପକ୍ଷ ନେଇ ସଚେତନତା ଶୋଭାଯାତ୍ରା ଓ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରଜାନଅରରୁ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ସରକାରୀ ଏନ୍‌ଏନ୍‌ଏମ୍ ତାଲିମ କେନ୍ଦ୍ର ଯାଏ ଯାଇଥିଲା। ସେଠାରେ ସଚେତନତା ସଭା କରାଯାଇଥିବା ବେଳେ ଡ. ସ୍ୱର୍ଣ୍ଣପ୍ରଭା ବେହେରା ଓ ଡ. ଅରୁଣ ପାଢୀ ଅତିଥି ଭାବେ ଯୋଗ ଦେଇଥିଲେ। ଜାନୁଆରୀ ୩୦ରୁ ଫେବୃଆରୀ ୧୩ ଯାଏ କୁଷ୍ଠ ନିରାକରଣ ପକ୍ଷ ଚାଲିବ। ଏଥିରେ ସ୍ୱାସ୍ଥ୍ୟ ଓ ଆଶା କର୍ମୀ ଉପସ୍ଥିତ ଥିବା ବେଳେ କୁଷ୍ଠ ରୋଗ ଚିହ୍ନଟ ପାଇ ସଚେତନ କରାଯାଇଥିଲା। କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା ,ହାତ ଗୋଡ ଶୁଖିଲା, ହୋଇ ବଧିରା ଲାଗିବା, ଆଖି, ହାତ ଓ ପାଦରେ ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ। ଏମଡିଟି ଦ୍ୱାରା କୁଷ୍ଠ ରୋଗ ଆରୋଗ୍ୟ ହୋଇପାରିବ ଏବଂ ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ମିଳେ ବୋଲି ସଚେତନ କରାଯାଇଛି।



ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଜଗଧାତ୍ରୀପୁର ଲେପ୍ରା ସୋସାଇଟି ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯାଉଛି।

# ବାର୍ଷିକ କ୍ରୀଡ଼ା ଉତ୍ସବ

ଦଶମନ୍ତପୁର, ୬।୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ମୁର୍କାର ପଞ୍ଚାୟତ ଅଧୀନ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୟାନିଧି ସେଠୀଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ବିଷୋୟୀ, ସହକାରୀ ଶିକ୍ଷକ ଗୋବର୍ଦ୍ଧନ ସାଉଁତା, ସୁରେନ୍ଦ୍ର ହିମିରିକା, ରାମ ଖସଲା, ଶିଶିର ମେଲେକା, ଗଙ୍ଗାଧର ଜାନି ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ଉତ୍ସବରେ ସବ୍ ଜୁନିୟର, ଜୁନିୟର ଓ ସିନିୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ ଓ ୨୦୦ ମିଟର ଦୌଡ଼, ଲଙ୍ଗ୍‌ଜମ୍ପ, ହାଇଜମ୍ପ, ଦୌଡ଼ି ଡିଆଁ, କେରୋମ ଓ ଅଖାଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ମାନପତ୍ର ସହ ପୁରସ୍କୃତ କରାଯିବ ବୋଲି ସୂଚନା ରହିଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷକ ଓ ଛାତ୍ରୀଛାତ୍ର।

# ଫିଜିଓଥେରାପି କେନ୍ଦ୍ର ପାଇଁ ଦାବି

ସୁନାବେଡା,୬।୨(କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ଓ ସୁନାବେଡା ଉଭୟ ସହରରେ ଲୋକ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ବିଭିନ୍ନ ପ୍ରକାରର ରୋଗ ସହ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହାଡ଼ ଓ ଅନ୍ୟାନ୍ୟ ଯନ୍ତ୍ରଣା ଜନିତ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଏଠାରେ ଏକ ଫିଜିଓଥେରାପି କେନ୍ଦ୍ର କରିବାକୁ ଦାବି ହୋଇଛି। ବୟସ୍କଙ୍କର ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଡାକ୍ତର ଫିଜିଓଥେରାପି ପାଇଁ ପରାମର୍ଶ ଦେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଫିଜିଓଥେରାପି ବିଭାଗ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବହୁଥର ଦାବି ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଲୋକେ ଫିଜିଓଥେରୋପି ପାଇଁ ୨୫ କି.ମି ରାସ୍ତା ଅତିକ୍ରମ କରି କୋରାପୁଟ ଯାଉଥିବା ବେଳେ ବହୁ ଖର୍ଚ୍ଚ ହେଉଛି। ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଭଲ ଫିଜିଓଥେରୋପି କେନ୍ଦ୍ର ସହ ଜଣେ ଅଭିଜ୍ଞ ଡାକ୍ତର ନିଯୁକ୍ତି ଦେବା ଦ୍ୱାରା ଲୋକଙ୍କୁ ସୁଫଳ ମିଳିପାରିବ ଓ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏ ସମ୍ପର୍କରେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ଡ. ନୀଳମାଧବ ଶତପଥୀଙ୍କୁ ପଚାରିବାରୁ ସରକାରୀ ସ୍ତରରେ ସବୁ ସିଏଚ୍‌ସିରେ ଫିଜିଓଥେରୋପୀ ସେଣ୍ଟର ଖୋଲିବାକୁ ବ୍ୟବସ୍ଥା ହୋଇଛି ଓ ଟିକେ ସମୟ ଲାଗିବ। ତଥାପି ବର୍ତ୍ତମାନ ଯେତେ ସବୁ ଆରୋଗ୍ୟ କେନ୍ଦ୍ର ରହିଛି ସେଠାରେ ବ୍ୟାୟାମ କରିବାର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି।

# ସରକାରୀ କର୍ମଚାରୀଙ୍କୁ ଡରାଇ ଆରଟିଆଇ ଜରିଆରେ ଟଙ୍କା ମାଗି ୨ ଗିରଫ

କୋରାପୁଟ/ନାରାୟଣପାଟଣା,୬।୨ (ଅମିତାଭ ବେହେରା/ରାଜକିଶୋର ଜେନା)

ନକ୍ସଲ ଟାର୍ଗେଟରେ ଥିବା ଓ ବିଭିନ୍ନ ପ୍ରୋଜେକ୍ଟ ଖରାପ ଥିବା କହି ସରକାରୀ କର୍ମଚାରୀଙ୍କୁ ଆରଟିଆଇ ଜରିଆରେ ଟଙ୍କା ମାଗି ନେଇଥିବା ୨ ଅଭିଯୁକ୍ତଙ୍କୁ ନାରାୟଣପାଟଣା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାୟଗଡା ଅଞ୍ଚଳର ସୂଚନା ଅଧିକାର କର୍ମୀ ଓ ଖବରଦାତା ପରିଚୟ ଦେଉଥିବା ଜି. ଭି. ଆର. ପଟ୍ଟନାୟକ ଏବଂ ଅନ୍ୟ ଜଣେ ବନ୍ଧୁଗାଁ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଦେବ କିଶୋର ପଟ୍ଟନାୟକ। ଏ ନେଇ ୧୨/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରମୋଦ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଜି.ଭି. ଆର ଓ ଦେବ ନାରାୟଣପାଟଣା ବ୍ଲକ୍ ଯନ୍ତ୍ରୀ ସତ୍ୟେନ୍ଦ୍ର ଦତ୍ତଙ୍କୁ ବିଭିନ୍ନ ପ୍ରକଳ୍ପ ଖରାପ ଥିବା, ରାସ୍ତା କାମ ସଠିକ୍ ହୋଇ ନ ଥିବା ଓ ନକ୍ସଲଙ୍କ ଟାର୍ଗେଟରେ ଥିବା କହି ବ୍ଲାକ୍‌ମେଲ କରି ନଗଦ ୧୦ ହଜାର ଟଙ୍କା ମାଗି ନେଇଥିଲେ। ଅଧିକା ଟଙ୍କା ମାଗିବାରୁ ଯନ୍ତ୍ରୀ ଦତ୍ତ ନାରାୟଣପାଟଣା ଥାନାରେ ଅଭିଯୋଗ କରିଥିଲେ। ନାରାୟଣପାଟଣା ଥାନା ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ଜେରା କରିଥିଲା।


ଗିରଫ ୨ ଅଭିଯୁକ୍ତ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ୩ ଆହତ

ଦଶମନ୍ତପୁର, ୬।୨(ଅରବିନ୍ଦ ନାୟକ)

ଦଶମନ୍ତପୁର ଥାନା ଲୁଲ୍ଲା ପଞ୍ଚାୟତ ତୋଟାଗୁଡ଼ା ନିକଟରେ ୨ ବାଇକ୍ ମୁହାଁମୁହିଁ ହେବାରୁ ୨ ଜଣ ଗୁରୁତର ଓ ଜଣେ ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମା ପଞ୍ଚାୟତ କୁଡ଼ିପଦର ଗ୍ରାମର ସବା ଜାନି ଏବଂ ସାକାରି ସାଉଁତା। ସବା, ଭାଇ ଓ ତାଙ୍କ ଦାଦା ଦୁର୍ଯ୍ୟୋ ସାଉଁତା ବାଇକ୍ ଯୋଗେ ପଦୁଗୁଡ଼ା ଗାଁ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ତୋଟାଗୁଡ଼ାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସବା ଓ ତାଙ୍କ ଭାଇ ଗୁରୁତର ଓ ଦୁର୍ଯ୍ୟ ଆହତ ହୋଇଥିଲେ। ଅନ୍ୟ ବାଇକ୍ ଚାଳକ ଫେରାର ରହିଥିବା ବେଳେ ବାଇକ୍ ଜବତ କରାଯାଇଛି।

# ୨ ଅପ୍‌ଗ୍ରେଡ୍ ସ୍କୁଲରେ ନିଯୁକ୍ତ ହେଲେ ଶିକ୍ଷକ

**ଧରିତ୍ରୀ ପ୍ରଭାବ**

କୁନ୍ଦୁରା,୬।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ରେ ଥିବା ୨ ଅପ୍‌ଗ୍ରେଡ୍ ଅନନ୍ତ ବିଦ୍ୟପୀଠ ଏବଂ ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟର ୩ ପ୍ରମୁଖ ବିଭାଗ ଖାଲି ପଡ଼ିଥିବା ଧରିତ୍ରୀରେ ଖବର ପ୍ରସାରଣ ପରେ ଜିଲା ଶିକ୍ଷା ବିଭାଗ ପଦବୀ ପୂରଣ କରିବା ଶିକ୍ଷକ ନିଯୁକ୍ତ କରିଛି। ଜାନୁଆରୀ ୨୭ରେ ଜିଲାପାଳଙ୍କ ସ୍ୱତନ୍ତ୍ର ମିଳିତ ଜନଶୁଣାଣିରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଯୋଗ ହେବା ପରେ ଜିଲାପାଳ ସ୍କୁଲଗୁଡିକରେ ଆଗକୁ ମାଟ୍ରିକ ପରୀକ୍ଷା ଥିବା ନେଇ ୨ ଦିନରେ ଶିକ୍ଷକ ନିଯୁକ୍ତ କରିବାକୁ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଉଦଲଗୁଡ଼ା ଭାବଗ୍ରାହୀ ଜେନାଙ୍କୁ ହିନ୍ଦୀ, ସୁକାନ୍ତି ମାଝୀଙ୍କୁ କଳା ଓ ଦିବ୍ୟାଭାରତୀ ପ୍ରଧାନଙ୍କୁ କଳା ଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ୨୦୨୪ରେ ଏହି ସ୍କୁଲ ସରକାରୀ ଘୋଷଣା ହୋଇଥିବା ବେଳେ କାର୍ଯ୍ୟରତ ଶିକ୍ଷକଙ୍କ ମଧ୍ୟରୁ ୧ବର୍ଷ ମଧ୍ୟରେ ୩ ପ୍ରମୁଖ ବିଭାଗରେ ନିଯୁକ୍ତ ଥିବା ଶିକ୍ଷକ ଅବସର ନେବା ପରେ ସ୍ଥାନ ଖାଲି ପଡ଼ିଥିଲା। ସେହିପରି ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟର ସମାନ ଅବସ୍ଥା ଥିବା ବେଳେ ଅଭିଯୋଗ ପରେ ଜିଲା ଶିକ୍ଷାଧିକାରୀ ମହାନ୍ତି ଶିକ୍ଷକ ନିଯୁକ୍ତ କରିଛନ୍ତି। ମଇନା ଗୁଞ୍ଜିଆ ଓ ରିଙ୍କୁ ସରଦେବଙ୍କୁ ନିଯୁକ୍ତ କରାଯାଇଛି। ଏହି ବିଦ୍ୟାଳୟଗୁଡିକରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ବେଳେ ଶିକ୍ଷକ ଅଭାବରୁ ପାଠପଢ଼ାରେ ବାଧାପ୍ରାପ୍ତ ହେଉଥିଲା। ଅଭିଭାବକଙ୍କ ଅଭିଯୋଗ ପରେ ଶିକ୍ଷକ ପଦବୀ ପୂରଣ କରିଥିବାରୁ ଜିଲା ଶିକ୍ଷାଧିକାରୀ ମହାନ୍ତିଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

# ରାଜ୍ୟ ଫୁଡ କମିଶନ ଟିମ୍‌ର ଲକ୍ଷ୍ମୀପୁର ଗସ୍ତ

କୋରାପୁଟ/ଲକ୍ଷ୍ମୀପୁର,୬।୨ (ଅମିତାଭ ବେହେରା/ଅନନ୍ତ ନାୟକ )

ଓଡ଼ିଶା ରାଜ୍ୟ ଫୁଡ କମିଶନ ଟିମ୍‌ର ୨ ସଦସ୍ୟ ଦୟାନିଧି ଦାଶ ଓ ଅକ୍ଷୟ କୁମାର ବେହେରା ଗୁରୁବାର କୋରାପୁଟ ଜିଲାର ଲକ୍ଷ୍ମୀପୁର ବ୍ଲକ କେନ୍ଦ୍ରୀଗୁଡା କଫି ଫାର୍ମ, ପଞ୍ଚାଡା, ଡୁମୁରିଗୁଡା ଅଙ୍ଗନୱାଡି, ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ଓ ପାଞ୍ଚଡା ବାଳିକା ହଷ୍ଟେଲ୍ ଆଦି ପରିଦର୍ଶନ କରିଛନ୍ତି। କାକିରିଗୁମ୍ମା କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ ପରିମଳ ବ୍ୟବସ୍ଥା ଦେଖିବା ସହ ପାନୀୟ ଜଳ ଉପରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପିଡିଏସ୍ ଯୋଗାଣ କେନ୍ଦ୍ରର ବ୍ୟବସ୍ଥା ଦେଖିଥିଲେ। ହିତାଧିକାରୀଙ୍କ ତାଲିକା ଲାଗିବା ଓ ଶାରୀରିକ ଅକ୍ଷମତା ଲୋକଙ୍କ ପାଇଁ ହୋଇଥିବା ବ୍ୟବସ୍ଥାର ତଦାରଖ କରିଥିଲେ। ଜିଲାରେ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣର ସମୀକ୍ଷା କରାଯିବ ଏବଂ ତିନିଦିନ ଗସ୍ତ ପରେ ଜିଲା ପ୍ରଶାସନ ସହ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ସଦସ୍ୟ ଦାଶ କହିଛନ୍ତି। ପୋଷଣ ସିଟ୍ ଅନୁଯାୟୀ ଛତୁଆ ପାଇଁ ମିଶ୍ରଣ ଦିନ ସେଠାରେ ସ୍ଥାନୀୟ ସିଡିପିଓ ଉପସ୍ଥିତ ରହିବାକୁ କମିଶନ ସଦସ୍ୟମାନେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲକ୍ଷ୍ମୀପୁର ଆଇବିରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇ ଫେବୃଆରୀ ୧୫ ସୁଦ୍ଧା ସମସ୍ତ ପିଡିଏସ ହିତାଧିକାରୀଙ୍କ କେ.ୱାଇ.ସି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରୁଛନ୍ତି।

